## ସଂକ୍ଷେପରେ

### ବାଣ, ଦୀପନିଆଁ ଲାଗି ୨୭ ଆହତ

**ଅନୁଗୋଳ ଅଫିସ, ୨୫।୧୦:** ଦୀପାବଳି ପାଳନ ବେଳେ ଅନୁଗୋଳ ଜିଲାର ବିଭିନ୍ନ ସ୍ଥାନରେ ଅଘଟଣ ଘଟି ୨୭ ଜଣ ଆହତ ହୋଇଥିବା ଜିଲା ମେଡିକାଲ ସୂତ୍ରରୁ ସୂଚନା ମିଳିଛି। ତେବେ ଆହତଙ୍କ ମଧ୍ୟରୁ ଜଣେ ମହିଳାଙ୍କ ଅବସ୍ଥା ଗୁରୁତର ରହିଛି। ତାଳଚେର ସୋଲଡ଼ା ଅଞ୍ଚଳର ସମ୍ପୃକ୍ତା ମହିଳା ଦୀପନିଆଁରେ ପୋଡ଼ି ହୋଇ ଗୁରୁତର ହୋଇଛନ୍ତି। ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତ କରାଯାଇଛି। ଅନ୍ୟ ୨୬ ଜଣଙ୍କୁ ପ୍ରାଥମିକ ଚିକିତ୍ସା ପରେ ଘରକୁ ପଠାଇ ଦିଆଯାଇଛି। ସେହିପରି ଚଳିତବର୍ଷ ଅନୁଗୋଳ ଜିଲାରେ ପାଖାପାଖି ୨ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ବାଣ ବ୍ୟବସାୟ ହୋଇଥିବା ସୂଚନା ମିଳିଛି।

### ପୂର୍ବତନ ବ୍ଲକ ଅଧ୍ୟକ୍ଷଙ୍କ ପରଲୋକ

**ଛେଣ୍ଡିପଦା,୨୫।୧୦(ସ୍ୱ.ପ୍ର.):** ଛେଣ୍ଡିପଦା ବ୍ଲକର ପୂର୍ବତନ ଅଧ୍ୟକ୍ଷ ତଥା ବ୍ରାହ୍ମଣବିଲ ଗ୍ରାମର ବରିଷ୍ଠ କଂଗ୍ରେସ ନେତା, ସାମାଜିକ କର୍ମୀ କଳାକାର



ସାହୁ (୭୬)ଙ୍କ ସୋମବାର ଭୋର ୩ଟା ୩୦ରେ ପରଲୋକ ହୋଇଯାଇଛି। ସେ ଦୀର୍ଘଦିନ ହେବ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡିତ ଥିଲେ। ମୃତ୍ୟୁଶଯ୍ୟା ନିକଟରେ ତାଙ୍କର ଏକମାତ୍ର ପୁତ୍ର କେଶବାନନ୍ଦ ସାହୁଙ୍କ ସମେତ ଆତ୍ମୀୟ ସ୍ୱଜନ ଉପସ୍ଥିତ ଥିଲେ। ୧୯୮୨ ମସିହାରେ ଛେଣ୍ଡିପଦା ବ୍ଲକର ଅଧ୍ୟକ୍ଷ ଭାବେ ସେ କାର୍ଯ୍ୟ ନିର୍ବାହ କରିଥିଲେ। ସେହିପରି ୨ଥର ଜିଲା ପରିଷଦ ସଦସ୍ୟ ଓ ୧୯୬୭ରୁ ୧୯୮୧ ପର୍ଯ୍ୟନ୍ତ ପଞ୍ଚାୟତର ସରପଞ୍ଚ ସହ ଅନ୍ୟ ପଦବୀରେ ରହି କାର୍ଯ୍ୟ କରିଥିଲେ। ତାଙ୍କ ସମୟରେ ଛେଣ୍ଡିପଦା ଅଞ୍ଚଳର ବହୁ ଉନ୍ନତିମୂଳକ କାର୍ଯ୍ୟ କରାଯାଇଥିବା ଜଣାପଡିଛି। ତାଙ୍କ ବିୟୋଗ ଖବରପାଇ ଛେଣ୍ଡିପଦା ଅଞ୍ଚଳର ଯୁବନେତା ଅଗସ୍ତି ବେହେରାଙ୍କ ସମେତ ବହୁ କଂଗ୍ରେସ ନେତା ଓ କର୍ମୀ, ଅନ୍ୟ ରାଜନୈତିକ ଦଳର ନେତା, ମାନ୍ୟଗଣ୍ୟ ବ୍ୟକ୍ତି ଏବଂ ବୁଦ୍ଧିଜୀବୀ ବାସଭବନରେ ପହଞ୍ଚି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସ୍ଥାନୀୟ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। କଳାକାରଙ୍କ ବିୟୋଗରେ ଛେଣ୍ଡିପଦା ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

### ବନ୍ଧା ହେଲେ ବାଣ ବ୍ୟବସାୟୀ

**ଅନୁଗୋଳ ଅଫିସ, ୨୫।୧୦:** ବିନା ଲାଇସେନ୍ସରେ ବାଣ ବିକ୍ରି କରିବା ଅଭିଯୋଗରେ ଅନୁଗୋଳ ଜିଲା ବନ୍ତଲା ଥାନା ପୁରୁଣାଗଡ଼ ଶାସନ ବଜାରର ପୂଜା ସାମଗ୍ରୀ ଦୋକାନୀ ଟୁନା ସାହୁଙ୍କୁ ପୋଲିସ ଗିରଫ କରିଛି। ଟୁନା ବେଆଇନ ଭାବେ ବାଣ ବ୍ୟବସାୟ କରୁଥିବା ବନ୍ତଲା ଥାନା ଏସ୍ଆଇ ଗୋବିନ୍ଦ ଚନ୍ଦ୍ର ମିଶ୍ର ସୂଚନା ପାଇ ଚଢ଼ାଉ କରିଥିଲେ। ଚଢ଼ାଉ ସମୟରେ ଉକ୍ତ ପୂଜା ସାମଗ୍ରୀ ଦୋକାନରୁ ବିପୁଳ ପରିମାଣରେ ବାଣ ପୋଲିସ ଜବତ କରିଥିଲା। ଏ ନେଇ ଏସ୍ଆଇ ମିଶ୍ର ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ନଂ. ୪୪୮/୨୨ରେ ମାମଲା ରୁଜୁ କରି ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

### ପାରିବାରିକ ଗଣ୍ଡଗୋଳ, ୪ ଗିରଫ

**କଣିହାଁ, ୨୫।୧୦ (ଡି.ଏନ.ଏ.):** କଣିହାଁ ଥାନା ପୋଲିସ ମଙ୍ଗଳବାର ପାରିବାରିକ ଗଣ୍ଡଗୋଳକୁ ନେଇ ୪ଜଣଙ୍କୁ ଗିରଫ କରିଛି । ପୋଲିସ କହିଛି, ଜାଗାବାଡ଼ି ସମସ୍ୟାକୁ ନେଇ ଖଜୁରିଆ ଗ୍ରାମର ଦୁଇଟି ପରିବାର ମଧ୍ୟରେ ବିବାଦ ଉପୁଜିଥିଲା। ଅଜୟ ବେହେରାଙ୍କ ଅଭିଯୋଗ କ୍ରମେ ନଂ. ୨୮୫/୨୨ରେ ସୁରେଶ ବେହେରା ଓ ଅରୁଣ ବେହେରାଙ୍କୁ ଗିରଫ କରାଯାଇଥିଲା। ସେହିପରି ସୁରେଶ ବେହେରାଙ୍କ ଅଭିଯୋଗ କ୍ରମେ ନଂ. ୨୮୮/୨୨ ମାମଲା ରୁଜୁ କରାଯାଇ ଅଜୟ ବେହେରା, ବିଜୟ ବେହେରାଙ୍କୁ ଗିରଫ କରାଯାଇଛି।



ଅନୁଗୋଳ ତେଲି ମାର୍କେଟଠାରେ ହୋଇଥିବା ମା' କାଳୀଙ୍କ ମେଢ଼।



ଅନୁଗୋଳ ହେମସୁରପଡ଼ାଠାରେ ମା' କାଳୀଙ୍କ ପୂଜା। (ଫଟୋ- ବୁବୁ)

# ନଭେମ୍ବର ୧ରୁ ଆମରଣ ଅନଶନ

**ବନ ବିଭାଗର ଗାଁ ବିଭାଜନ ଓ ଅବହେଳାକୁ ବିରୋଧ**

**ଅନୁଗୋଳ ଅଫିସ, ୨୫।୧୦ (ଡି.ଏନ.ଏ.)**

ଅନୁଗୋଳ ଜିଲା ସାତକୋଶିଆ ଅଭୟାରଣ୍ୟର କୋର୍ ଏରିଆରେ ଥିବା କଟରଙ୍ଗ ଗ୍ରାମର ୨୯ ପରିବାରକୁ ବିସ୍ଥାପନ ପ୍ୟାକେଜରୁ ବଞ୍ଚିତ କରାଯାଇଛି। ଏପରି କି ପ୍ରଶାସନର ପୁନଃ ସର୍ଭେ ରିପୋର୍ଟ ଆସିବା ପୂର୍ବରୁ ବନ ବିଭାଗ ଅତ୍ୟନ୍ତ ତରବରିଆ ଭାବେ ଏହି କ୍ଷତିଗ୍ରସ୍ତଙ୍କ ଘର ଭାଙ୍ଗି ଦେଇଛି। ବନ ବିଭାଗର ଏପରି ମନମାନିକୁ ନେଇ ତୀବ୍ର ଅସନ୍ତୋଷ ବ୍ୟକ୍ତ କରିଛନ୍ତି ବିସ୍ଥାପନ ପ୍ୟାକେଜରୁ ବଞ୍ଚିତ ୨୯ ପରିବାର। ଏହାର ପ୍ରତିବାଦରେ ଆସନ୍ତା ନଭେମ୍ବର ୧ ତାରିଖରୁ ସାତକୋଶିଆ ଡିଏଫ୍ଓଙ୍କ ଅଫିସ ସମ୍ମୁଖରେ ଆମରଣ ଅନଶନରେ ବସିବେ ବୋଲି କ୍ଷତିଗ୍ରସ୍ତମାନେ ନିଷ୍ପତ୍ତି ନେଇଛନ୍ତି।

ସମ୍ପୃକ୍ତ ୨୯ ପରିବାର ଅଭିଯୋଗ କରିଛନ୍ତି ଯେ, କଟରଙ୍ଗ ଗାଁରେ ବିଭାଜନ ସୃଷ୍ଟି କରି ବନ ବିଭାଗ ବିସ୍ଥାପନ ଯୋଜନାରେ ନିଜକୁ ସୁହାଇଲା ଭଳି ମନମାନି କରିଛି। ଗାଁର ସମସ୍ତ ସାବାଳକଙ୍କ ମତାମତକୁ ଗ୍ରହଣ କରାଯାଇ ନାହିଁ। ଜମି ଅଧିଗ୍ରହଣ, ଯୁକ୍ତିଯୁକ୍ତ କ୍ଷତିପୂରଣ, ପୁନଃବସତି ଓ ଥଇଥାନ ଆଇନ୍-୨୦୧୩ର ବ୍ୟବସ୍ଥାକୁ ଆଦୌ ପାଳନ କରାଯାଇ ନାହିଁ। ସାମାଜିକ ପ୍ରଭାବ ଆକଳନ ଏବଂ ଗ୍ରାମର ପୂର୍ଣ୍ଣାଙ୍ଗ ସର୍ଭେ ହୋଇନାହିଁ। ଗ୍ରାମ ବିସ୍ଥାପନ ପ୍ରକ୍ରିୟାରେ ଗ୍ରାମ ପଞ୍ଚାୟତ ଆଇନ ଆଧାରରେ ଗ୍ରାମସଭା ଓ ପଲ୍ଲିସଭା ସହ ଅନ୍ୟାନ୍ୟ ସଭା ଆୟୋଜନ କରାଯାଇ ନାହିଁ। ଗ୍ରାମର ସରଳ ଆଦିବାସୀ ଓ ବନବାସୀମାନଙ୍କୁ ବନ ବିଭାଗ ପ୍ରଲୋଭନ ଦେଖାଇ ଗାଁରେ ବିଭାଜନ ସୃଷ୍ଟି କରି ଏକତରଫା ବିସ୍ଥାପନ କରିଛି। ଗ୍ରାମର ସ୍ଥାୟୀ ବାସିନ୍ଦା ନେଇ ସମସ୍ତ ଜମିବାଡି, ଘରଦ୍ୱାର ସହିତ ସରକାରୀ କାଗଜପତ୍ରରେ ପ୍ରମାଣ ଥିଲେ ମଧ୍ୟ ୨୯ ପରିବାରକୁ ପ୍ୟାକେଜ୍‌ରୁ ବଞ୍ଚିତ କରାଯାଇଛି। ଏହାର ପ୍ରତିବାଦ କରି ଗତ ଅଗଷ୍ଟ ୯ରେ ଅନଶନ କରାଯାଇଥିଲା। ପରେ ପ୍ରଶାସନ ପକ୍ଷରୁ ଏକ ମିଳିତ କମିଟି ତଦାରଖ କରି ରିପୋର୍ଟ ଦେବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଗତ ୧୩ ତାରିଖରେ ମିଳିତ କମିଟି ସର୍ଭେ କରିଥିଲେ ମଧ୍ୟ ରିପୋର୍ଟ ଦେବା ପୂର୍ବରୁ ବନ ବିଭାଗ ଏହି କ୍ଷତିଗ୍ରସ୍ତମାନଙ୍କ ଘରଦ୍ୱାର ମେଶିନ ଲଗାଇ ଭାଙ୍ଗି ଦେଇଛି। ବନ ବିଭାଗର ଏପରି କାର୍ଯ୍ୟ ସମ୍ପର୍କରେ ଜିଲାପାଳ, ଉପଜିଲାପାଳ, ଡିଏଫ୍ଓ ଓ ପୋଲିସକୁ ଲିଖିତ ଅଭିଯୋଗ କରାଯାଇଛି। ନଭେମ୍ବର ୧ ତାରିଖରୁ ଆମରଣ ଅନଶନ କରାଯିବା ପାଇଁ ନିଷ୍ପତ୍ତି ହୋଇଥିବା କ୍ଷତିଗ୍ରସ୍ତ ପରିବାର ମମତା ପ୍ରଧାନ, ରୀତା ପ୍ରଧାନ, ଆଶାଲୀ ଜାନୀ, ସୁକାନ୍ତି ଦାସ, ଅଞ୍ଜନା ନାଏକ ପ୍ରମୁଖ ସୂଚନା ଦେଇଛନ୍ତି।



ବିସ୍ଥାପନ ପ୍ୟାକେଜରୁ ବଞ୍ଚିତ ୨୯ ପରିବାର।

## କାଳୀପୂଜା ପାଇଁ ଅଙ୍ଗପଡ଼ା ଉତ୍ସବମୁଖର

**ବଇଣ୍ଡା, ୨୫।୧୦(ଡି.ଏନ୍.ଏ.)**

କିଶୋରନଗର ବ୍ଲକ ଅଙ୍ଗପଡ଼ା ଓ ବଇଣ୍ଡାଠାରେ ମହାସମାରୋହରେ କାଳୀପୂଜା ଆରମ୍ଭ ହୋଇଛି। ଉଭୟ ପୂଜା କମିଟି ପକ୍ଷରୁ ରବିବାର ସକାଳେ କଳସରେ ପାଣି ଅଣାଯାଇ ମଣ୍ଡପରେ ସ୍ଥାପନ କରାଯାଇଥିଲା। ସୋମବାର ଯଥାନୀତି ଅନୁଯାୟୀ ମା'ଙ୍କ ପୂଜା ଆରମ୍ଭ ହୋଇଛି। ରଙ୍ଗବେରଙ୍ଗର ଆଲୋମାଳାରେ ମଣ୍ଡପ ଝଲସି ଉଠିଥିବାବେଳେ ପୂଜା ଦେଖିବା ଲାଗି ନାହିଁ ନ ଥିବା ଭିଡ଼ ହେଉଛି। ମନୋରଞ୍ଜନ ପାଇଁ ମେଲୋଡି ସହ ଯାତ୍ରା ପରିବେଷଣ କରାଯାଉଛି। କମିଟିର ସମସ୍ତ ସଦସ୍ୟ ଏବଂ ଗ୍ରାମବାସୀ ଏଥିରେ ସହଯୋଗ କରୁଛନ୍ତି।



ଅଙ୍ଗପଡ଼ାରେ ଅନୁଷ୍ଠିତ କାଳୀପୂଜା।

## ବାଣନିଆଁରେ ଜଳିଗଲା ୩ ବଖରା



**ଛେଣ୍ଡିପଦା,୨୫।୧୦(ସ୍ୱ.ପ୍ର.)**

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ମାଛକୁଟା ଗ୍ରାମର ଶ୍ୟାମସୁନ୍ଦର ସାହୁଙ୍କ ଘରେ ସୋମବାର ରାତି ୮ଟାରେ ଅଗ୍ନିକାଣ୍ଡ ଘଟିଛି। ବାଣନିଆଁରୁ ଅଗ୍ନିକାଣ୍ଡ ଘଟି ୨ବଖରା ଗୁହାଳ ସହ ୧ ବଖରା ଘର ପୋଡ଼ି ଯାଇଛି। ବାଣରୁ ନିଆଁ ପ୍ରଥମେ ଗୁହାଳ ଘର ଉପରେ ପଡିବାରୁ ଗୁହାଳ ପୋଡିଯାଇଥିଲା। ପରେ ଗୁହାଳ ପାର୍ଶ୍ୱକୁ ଲାଗି ରହିଥିବା ତାଙ୍କ ଘରେ ନିଆଁ ଲାଗିଯାଇଥିଲା। ଖବରପାଇ ଛେଣ୍ଡିପଦା ଅଗ୍ନିଶମ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କ ସହଯୋଗରେ ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିକାଣ୍ଡରେ ଗୁହାଳ ଘରେ ଥିବା ଚାଷ ସାମଗ୍ରୀ ପୋଡି ଯାଇଥିବାବେଳେ ରହିବା ଘରର ସମସ୍ତ ଆସବାବପତ୍ର ଜଳିଯାଇଛି। ତୁରନ୍ତ କ୍ଷତିଗ୍ରସ୍ତ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ଶିକ୍ଷାବିତ୍‌ଙ୍କ ଦେହାନ୍ତ

**ରାସୋଳ, ୨୫।୧୦(ଡି.ଏନ୍.ଏ.)**

ରାସୋଳ ଉଚ୍ଚ ବିଦ୍ୟାଳୟର ପୂର୍ବତନ ଗଣିତ ଶିକ୍ଷକ ବାନାମ୍ବର ସାହୁ (୭୯)ଙ୍କ ମଙ୍ଗଳବାର ପରଲୋକ ହୋଇଯାଇଛି। ସେ ଦୀର୍ଘଦିନ ହେଲା ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିଲେ। ରାସୋଳ ଉଚ୍ଚ ବିଦ୍ୟାଳୟରେ ସେ ତାଙ୍କର ଶିକ୍ଷକ ଜୀବନ ଆରମ୍ଭ କରି ୨୦୦୦ରେ ଅବସର ନେଇଥିଲେ। ତାଙ୍କ ଦେହାନ୍ତ ସୂଚନା ପାଇ ବହୁ ପୁରାତନ ଛାତ୍ର, ଶିକ୍ଷୟିତ୍ରୀ, ଶିକ୍ଷକ ପହଞ୍ଚି ଶେଷଦର୍ଶନ କରିଥିଲେ। ଅନ୍ତିମ ସମୟରେ ତାଙ୍କ ୪ ଝିଅଜ୍ୱାଇଁ, ଅନ୍ୟ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ମୁଣ୍ଡା ବନ୍ଧ ଶ୍ମଶାନ ଘାଟରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ନାତି ରଶ୍ମିରଞ୍ଜନ ମୁଖାଗ୍ନି ଦେଇଥିଲେ।

## ଗ୍ରାମ ବିକାଶକୁ ଗୁରୁତ୍ୱ ଦିଆଯିବ



ବୈଠକରେ ବିଧାୟକଙ୍କ ସମେତ ଅନ୍ୟମାନେ।

**ବଇଣ୍ଡା, ୨୫।୧୦(ଡି.ଏନ୍.ଏ.)**

କିଶୋରନଗର ବ୍ଲକ ଉରୁକୁଳା ପଞ୍ଚାୟତ ଖମାର ଗ୍ରାମବାସୀଙ୍କ ସହିତ ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା କରିଛନ୍ତି ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ। ଏହି ଉପଲକ୍ଷେ ଗ୍ରାମବାସୀ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଯଥାସମ୍ଭବ ଶୀଘ୍ର ଏହାର ସମାଧାନ କରାଯିବ ବୋଲି ବିଧାୟକ ପ୍ରତିଶ୍ରୁତି ଦେଇଛନ୍ତି। କିଶୋରନଗର ବ୍ଲକର ପୂର୍ବତନ ଅଧ୍ୟକ୍ଷା ସୁକାନ୍ତିବାଳା ନାୟକ, ସରପଞ୍ଚଙ୍କ ପ୍ରତିନିଧି ବିପିନ କୁମାର ସାହୁ, ସମିତିସଭ୍ୟ ଧନେଶ୍ୱର ରାଉଳ, ପୂର୍ବତନ ଜିଲା ପରିଷଦ ବଂଶୀଧର ସେଠୀ, ପୂର୍ବତନ ସରପଞ୍ଚ ଅଶୋକ କୁମାର ପ୍ରଧାନ, ଜେନାମଣି ପ୍ରଧାନ, ସଦାଶିବ ନାୟକ ପ୍ରମୁଖ ଯୋଗଦେଇଥିଲେ ।

# ନିଯୁକ୍ତି ଦାବିରେ ଖଣି କ୍ଷତିଗ୍ରସ୍ତଙ୍କ ଧାରଣା

**କଣିହାଁ, ୨୫।୧୦ (ଡି.ଏନ.ଏ.)**

ଏମ୍‌ସିଏଲ୍‌ର କଣିହାଁ କୋଇଲା ଖଣି କ୍ଷତିଗ୍ରସ୍ତ ତଥା କଣିହାଁ ଗ୍ରାମର ଜମିହରାମାନେ ନିଯୁକ୍ତି ପ୍ରଦାନ ଦାବିରେ ସୋମବାରଠାରୁ ଆନ୍ଦୋଳନ ଆରମ୍ଭ କରିଛନ୍ତି। ସେମାନେ ପ୍ରକଳ୍ପଠାରେ ଗଣଧାରଣା ଦେଇଛନ୍ତି। ଗ୍ରାମର ପୂର୍ବତନ ସଭାପତି କେଶବ ଚନ୍ଦ୍ର ସାହୁ, ସମ୍ପାଦକ ଅନିରୁଦ୍ଧ ନାଏକ କହିଛନ୍ତି, ଖଣି କର୍ତ୍ତୃପକ୍ଷ ୨୦୦୨ରୁ ୩ଟି ପର୍ଯ୍ୟାୟରେ ଗ୍ରାମର ଜମି ଅଧିଗ୍ରହଣ କରିଛନ୍ତି। କିନ୍ତୁ ଅଳ୍ପ କେତେଜଣ କ୍ଷତିଗ୍ରସ୍ତଙ୍କୁ ନିଯୁକ୍ତି ମିଳିଥିବା ବେଳେ ଅନ୍ୟମାନେ ଏଥିରୁ ବଞ୍ଚିତ ରହିଛନ୍ତି। ନିଯୁକ୍ତି ପ୍ରଦାନ ନେଇ କଣିହାଁ କୋଇଲା ଖଣି ମହାପ୍ରବନ୍ଧକଙ୍କ ସମେତ ଉଚ୍ଚ କର୍ତ୍ତୃପକ୍ଷ ଓ ପ୍ରଶାସନିକ ଅଧିକାରୀଙ୍କୁ ଅବଗତ କରାଯାଇଥିଲା। ହେଲେ କେହି କର୍ଣ୍ଣପାତ ନ କରିବାରୁ ବାଧହୋଇ ଶାନ୍ତିପୂର୍ଣ୍ଣ ଭାବେ ଆନ୍ଦୋଳନ ଆରମ୍ଭ କରିଛି। ସମସ୍ୟା ସମାଧାନ ନ ହେଲେ ଆଗକୁ ଖଣି ବନ୍ଦ ଆନ୍ଦୋଳନ କରାଯିବ ବୋଲି କ୍ଷତିଗ୍ରସ୍ତ ବୈକୁଣ୍ଠ ନାଏକ, ଗୁରୁଡୁ ସାହୁ, ତାପସ ନାଏକ, ବିଶ୍ୱନାଥ ନାଏକ, ସୂର୍ଯ୍ୟକାନ୍ତ ନାଏକ, ମାନସ ନାଏକ, ମନୋଜ ନାଏକ, ନବୀନ ନାଏକ, ବସନ୍ତ ନାଏକ, ଗଣେଶ ନାଏକ ପ୍ରମୁଖ ଚେତାବନୀ ଦେଇଛନ୍ତି। ପୂର୍ବତନ ସମିତି ସଦସ୍ୟ ତଥା ଭାଜପା ମଣ୍ଡଳ ସଭାପତି ଦେବେନ୍ଦ୍ର ବାରିକ ସମର୍ଥନ ଜଣାଇ ଆନ୍ଦୋଳନରେ ସାମିଲ ହୋଇଛନ୍ତି। ଏ ନେଇ ଖଣି କର୍ତ୍ତୃପକ୍ଷଙ୍କ ମତାମତ ମିଳିପାରି ନାହିଁ।



# ଅନୁଗୋଳରେ ଗଢ଼ାହେଲା କ୍ୟାମ୍ପସ୍ କମିଟି

**ଅନୁଗୋଳ ଅଫିସ, ୨୫।୧୦**

ଦୀର୍ଘ ୪ ବର୍ଷ ହେବ ରାଜ୍ୟରେ ଛାତ୍ର ସଂସଦ ନିର୍ବାଚନ ହୋଇ ନ ଥିବା ବେଳେ ଚଳିତବର୍ଷ ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟଗୁଡ଼ିକରେ ନୂତନ କ୍ୟାମ୍ପସ୍ କମିଟିମାନ ଗଢ଼ା ହେଉଛି। ଏଥିରେ ଜଣେ ଲେଖାଏ କନଭେନର ସହ ଦୁଇଜଣ କୋ-କନଭେନର, ୪ ଜଣ ଲେଖାଏ ଆଥଲେଟିକ୍ ରିପ୍ରେଜେନ୍‌ଟେଟିଭ, କଲଚରାଲ ରିପ୍ରେଜେନ୍‌ଟେଟିଭ, ସୋସିଆଲ ଆକ୍ଟିଭେଟି ରିପ୍ରେଜେନ୍‌ଟେଟିଭ, ହେଲ୍ପ ଡେସ୍କ ରିପ୍ରେଜେନ୍‌ଟେଟିଭ, ଜଣେ ହଷ୍ଟେଲ କନଭେନର୍, ଦୁଇ ଜଣ ଡେ ସ୍କଲାର ସୋସାଇଟି ଓ ୪ଜଣ ସୋସିଆଲ ମିଡିଆ ଇନ୍‌ଚାର୍ଜ ରହୁଛନ୍ତି। ଅନୁଗୋଳ ସରକାରୀ ମହାବିଦ୍ୟାଳୟ ଓ ମହିଳା ମହାବିଦ୍ୟାଳୟରେ ମଧ୍ୟ ଛାତ୍ର ବିଜେଡି ପକ୍ଷରୁ କ୍ୟାମ୍ପସ କମିଟି ଗଠନ କରାଯାଇଛି। ଏହାର ତାଲିକା ଜିଲା ବିଜୁ ଛାତ୍ର ଜନତା ଦଳର ସଭାପତି ରାଜୀବ ଲୋଚନ ଦାସ ଘୋଷଣା କରିଛନ୍ତି। ଏହି ତାଲିକାରେ ଅନୁଗୋଳ ସରକାରୀ ମହାବିଦ୍ୟାଳୟର କନଭେନର ଭାବେ ମୀନକେତନ ପରିଡ଼ା ଓ ମହିଳା ମହାବିଦ୍ୟାଳୟରେ ଶ୍ରଦ୍ଧା ଦାସଙ୍କ ନାମ ପ୍ରକାଶ କରାଯାଇଛି। ଦଳ ସହ ସକ୍ରିୟ ଭାବେ ଜଡ଼ିତ ଥିବା ଛାତ୍ରୀଛାତ୍ରଙ୍କୁ ନେଇ କ୍ୟାମ୍ପସ କମିଟି ଗଢ଼ା ହୋଇଥିବା ରାଜୀବ କହିଛନ୍ତି। ସେହିପରି ଅନୁଗୋଳ ସରକାରୀ ମହାବିଦ୍ୟାଳୟରେ କୋ-କନଭେନର ଭାବେ ଦେବାଶିଷ ସାହୁ ଓ ଦୀପକ ପରିଡ଼ା, ଆଥଲେଟିକ୍ ରିପ୍ରେଜେନ୍‌ଟେଟିଭ ଭାବେ ରୀତିକ କୁମାର ବେହେରା, ଶାଶ୍ୱତ ରଞ୍ଜନ ପ୍ରଧାନ, ଭକ୍ତିମୟୀ ଭୁକ୍ତା ଓ ସୌମ୍ୟାଶ୍ରୀ ପାଣିଙ୍କ ନାମ ଘୋଷଣା କରାଯାଇଛି। କଲଚରାଲ ରିପ୍ରେଜେନ୍‌ଟେଟିଭ ଭାବେ ସୁବାଶିଷ ନାୟକ, ଶମ୍ଭୁନାଥ ପ୍ରଧାନ, ସିମରନ୍ ପି. ସାହୁ ଓ ସନ୍ଧ୍ୟାରାଣୀ ପରିଡ଼ା, ସୋସିଆଲ ଆକ୍ଟିଭେଟି ରିପ୍ରେଜେନ୍‌ଟେଟିଭ ଭାବେ ସାଗର ପ୍ରଧାନ, ସୁନୀଲ ନାଏକ, ଲୋପାମୁଦ୍ରା ସାହୁ ଓ ଅନନ୍ୟା, ହେଲ୍ପ ଡେସ୍କ ରିପ୍ରେଜେନ୍‌ଟେଟିଭ ଭାବେ ବିକ୍ରମ ପ୍ରଧାନ, ଆକାଶ ପ୍ରଧାନ, ଲୋପାମୁଦ୍ରା ଗଡ଼ନାୟକ ଓ ପାୟଲ ସାହୁ, ହଷ୍ଟେଲ କନଭେନର୍ ଭାବେ ବିନୟ କୁମାର ଶତପଥୀ, ଡେ ସ୍କଲାର ସୋସାଇଟିରେ ସୌରଭ ରଞ୍ଜନ ବିଶ୍ୱାଳ ଓ ପ୍ରିୟଦର୍ଶନୀ ମାଝି, ସୋସିଆଲ ମିଡିଆ ଇନ୍‌ଚାର୍ଜ ଭାବେ ସୌମ୍ୟ ରଞ୍ଜନ ପ୍ରଧାନ, ଚିରାଗଦୀପ ଜେନା, ସୌମ୍ୟାଶ୍ରୀ ବେହେରା ଓ ଶୁଭଶ୍ରୀ ନାଏକଙ୍କ ନାମ ପ୍ରକାଶ କରାଯାଇଛି। ଅନ୍ୟପକ୍ଷରେ





ମୀନକେତନ ପରିଡ଼ା ଓ ଶ୍ରଦ୍ଧା ଦାସ।

**ମୀନକେତନ, ଶ୍ରଦ୍ଧା ଆବାହକ**

ଅନୁଗୋଳ ମହିଳା ମହାବିଦ୍ୟାଳୟରେ ଶ୍ରଦ୍ଧା କନଭେନର ରହିଥିବାବେଳେ କୋ-କନଭେନର ଭାବେ ରତ୍ନପର୍ଣ୍ଣା ନାୟକ ଓ ପୂର୍ଣ୍ଣ୍ୟପୁଲକତା, ଆଥଲେଟିକ୍ ରିପ୍ରେଜେନ୍‌ଟେଟିଭ ଭାବେ ସ୍ୱପର୍ଣ୍ଣାଲିସା ବିଶ୍ୱାଳ, ସ୍ମୃତିକିରଣ ବେହେରା, ଅଙ୍କିତା ମଞ୍ଜରୀ ନାଏକ ଓ ମଧୁସ୍ମିତା ମହାପାତ୍ର, କଲଚରାଲ ରିପ୍ରେଜେନ୍‌ଟେଟିଭ ଭାବେ ସଂଘମିତ୍ରା ସାହୁ, ରୀନା ବେହେରା, ପ୍ରିୟଦର୍ଶନୀ ସାହୁ, ସୀମାରାଣୀ ବେହେରା, ସୋସିଆଲ ଆକ୍ଟିଭେଟି ରିପ୍ରେଜେନ୍‌ଟେଟିଭ ଭାବେ ମୋନାଲିସା ସାହୁ, ସ୍ମୃତିରେଖା ଆଚାର୍ଯ୍ୟ, ମାମାଲି ବେହେରା ଓ ଲକ୍ଷ୍ମୀପ୍ରିୟା ଜେନା, ହେଲ୍ପ ଡେସ୍କ ରିପ୍ରେଜେନ୍‌ଟେଟିଭ ଭାବେ ସସ୍ମିତା ବେହେରା, କିନ୍ତିଶ୍ୱରୀ ଦେହୁରୀ, ସୋନାଲିକା ସ୍ୱାଇଁ ଓ ଜ୍ୟୋତିର୍ମୟୀ ବେହେରା ରହିଛନ୍ତି। ହଷ୍ଟେଲ କନଭେନର୍ ଭାବେ ବିନ୍ଧ୍ୟାବାସିନୀ ପ୍ରଧାନ ରହିଥିବାବେଳେ ଡେ ସ୍କଲାର ସୋସାଇଟିରେ ଇତିଶ୍ରୀ ଜେନା ଓ ପ୍ରିୟଙ୍କା ପ୍ରଧାନ ରହିଛନ୍ତି। ଏଥିସହ ସୋସିଆଲ ମିଡିଆ ଇନ୍‌ଚାର୍ଜଭାବେ ସିଗମା ସାହୁ, ବର୍ଷା ସେଠୀ, ଲକ୍ଷ୍ମୀପ୍ରିୟା ଜେନା ଓ ଡୋଜାଲିନ୍ ପ୍ରଧାନଙ୍କ ନାମ ଘୋଷଣା କରାଯାଇଛି।

## ସଂକ୍ଷେପରେ

### ମହୁଲପାଳରେ ହାତୀ ଆତଙ୍କ



କାମାକ୍ଷାନଗର, ୨୫।୧୦(ଡି.ଏନ୍.ଏ.): କାମାକ୍ଷାନଗର ପଶ୍ଚିମାଞ୍ଚଳ ରେଞ୍ଜ୍ ଅଧୀନ ମହୁଲପାଳ ଗ୍ରାମ ନିକଟରେ ମଙ୍ଗଳବାର ହାତୀ ଆତଙ୍କ ଦେଖାଦେଇଛି। ଭୋର୍ ସମୟରୁ ୨ ହାତୀ ଜନବସତି ନିକଟରେ ଉପଦ୍ରବ ଆରମ୍ଭ କରିଛନ୍ତି। ଜନଗହଳି କାରଣରୁ ହାତୀମାନେ ଜଙ୍ଗଲମୁହାଁ ହୋଇପାରୁ ନାହାନ୍ତି। ସୂଚନା ପାଇ ବନ କର୍ମଚାରୀ ପହଞ୍ଚି ହାତୀଙ୍କୁ ଘଉଡ଼ାଇବା ପାଇଁ ଉଦ୍ୟମ ଚଳାଇଛନ୍ତି। ଜନଗହଳି କମିଲେ ଉଭୟ ହାତୀ ଜଙ୍ଗଲକୁ ପଳାଇବେ। ତେବେ ଧନଜୀବନ ସୁରକ୍ଷା ଦୃଷ୍ଟିରୁ ସତର୍କତା ଅବଲମ୍ବନ କରିବାକୁ ଅଞ୍ଚଳବାସୀଙ୍କୁ ବନ ବିଭାଗ ପକ୍ଷରୁ ସଚେତନ କରାଯାଇଛି।

### ଏନ୍‌ଏଚ୍‌ଆର୍‌ସିରେ ସତ୍ୟବାଦୀଙ୍କ ମୃତ୍ୟୁ ମାମଲା

ଢେଙ୍କାନାଳ ଅଫିସ, ୨୫।୧୦: ଢେଙ୍କାନାଳ ଲକ୍ଷ୍ମୀପୂଜା ଭସାଣି ଶୋଭାଯାତ୍ରା ବେଳେ ତୀବ୍ର ଶବ୍ଦଯୁକ୍ତ ଡିଜେ ସାଉଣ୍ଡ୍ ଯୋଗୁ ମହାବୀର ବଜାର ଅଞ୍ଚଳର ଯୁବକ ସତ୍ୟବାଦୀ ବେହେରାଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଥିଲା। ଆଇନଜୀବୀ ଗିରିଜା ପ୍ରସାଦ ମହାନ୍ତି ଏ ସଂକ୍ରାନ୍ତରେ ଏକ ମାମଲା ଜାତୀୟ ମାନବାଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି) ରୁଜୁ କରିଛନ୍ତି। ମୃତ ସତ୍ୟବାଦୀଙ୍କ ପରିବାରକୁ ୮୫ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ କରିବା ପାଇଁ ଏଥିରେ ଦାବି କରାଯାଇଛି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଅଧିକାରୀଙ୍କ ଅବହେଳା ପାଇଁ ଏଭଳି ଏକ ଘଟଣା ଘଟିଥିବା ଅଭିଯୋଗ ହୋଇଛି।

### ଦୋକାନରେ ଅଗ୍ନିକାଣ୍ଡ

ଢେଙ୍କାନାଳ ଅଫିସ, ୨୫।୧୦: ଢେଙ୍କାନାଳ ସହର ମିନାବଜାର ଅଞ୍ଚଳରେ ପୂଜା ସାମଗ୍ରୀ ଓ ବାଣ ରଖାଯାଇଥିବା ଏକ ଦୋକାନରେ ସୋମବାର ରାତି ପ୍ରାୟ ୯ଟାରେ ଅଗ୍ନିକାଣ୍ଡ ଘଟିଛି। ଏଥିରେ ଦୋକାନରେ ଥିବା ସମସ୍ତ ସାମଗ୍ରୀ ଜଳିପୋଡ଼ି ଛାରଖାର ହୋଇଯାଇଛି। ଦୋକାନୀ ସନ୍ତୋଷ କୁମାର ସାହୁ ପହଞ୍ଚି କବାଟ ଖୋଲିବା ପରେ ଅଗ୍ନିଶମ ବାହିନୀ ଅଞ୍ଚଳବାସୀଙ୍କ ସହାୟତାରେ ନିଆଁକୁ ଆୟତ୍ତ କରିଥିଲେ। ସନ୍ତୋଷ ପୂଜା ସାମଗ୍ରୀ ବିକ୍ରି କରୁଥିବାବେଳେ ଦୋକାନର ଅନ୍ୟ ଏକ ପ୍ରକୋଷ୍ଠରେ କିଛି ପରିମାଣର ବାଣ ରଖିଥିଲେ, ଯାହା ଅଗ୍ନିକାଣ୍ଡର କାରଣ ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି।

### ଅବସରପ୍ରାପ୍ତ ଯବାନଙ୍କ ପରଲୋକ

ଢେଙ୍କାନାଳ ଅଫିସ, ୨୫।୧୦: ଢେଙ୍କାନାଳ ଜିଲା କଣ୍ଟାବଣିଆ ଥାନା ମାନପୁର ଗ୍ରାମର ଅବସରପ୍ରାପ୍ତ ଯବାନ ବାଲୁଙ୍କେଶ୍ୱର ଜେନା (୭୧)ଙ୍କ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲ୍‌ରେ ସୋମବାର ରାତିରେ ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ସେ କିଛିଦିନ ହେଲା ଅସୁସ୍ଥ ଥିଲେ। ସେନାରୁ ଅବସର ନେବା ପରେ ସେ ଆଞ୍ଚଳିକ କ୍ଷତିଗ୍ରସ୍ତ ପ୍ରଜା ସଂଘ, ମା' ଲଙ୍ଗବାଉତି ଟ୍ରକ-ଟ୍ରଲର ମାଲିକ ସଂଘ, ହିନ୍ଦୋଳ ବିଧାନସଭା ନିର୍ବାଚନମଣ୍ଡଳୀର ଅବସରପ୍ରାପ୍ତ ସୈନିକ ସଙ୍ଗଠନର ସକ୍ରିୟ ସଭ୍ୟ ଥିଲେ। ସୂଚନା ମିଳିବା ପରେ ଅବସରପ୍ରାପ୍ତ କଲୋନେଲ୍ ଅନନ୍ତ ଚରଣ ବେହେରା, ବ୍ରଜକିଶୋର ମହାପାତ୍ର, ରଙ୍ଗନାଥ ସାମଲ, ଲିଙ୍ଗରାଜ ବଳ, ଚିତ୍ତରଞ୍ଜନ ନାଥ, ପ୍ରିୟବ୍ରତ ସାହୁ ପ୍ରମୁଖ ପହଞ୍ଚି ଶେଷଦର୍ଶନ କରିଥିଲେ। ତାଙ୍କ ପରଲୋକରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

### ଡ୍ରାଇଭର ମହାସଂଘର ମହାମିଳନ ଉତ୍ସବ

କାମାକ୍ଷାନଗର, ୨୫।୧୦(ଡି.ଏନ୍.ଏ.): ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ବ୍ଲକ ବାଲିକୁମା ପଞ୍ଚାୟତରେ ଓଡ଼ିଶା ଡ୍ରାଇଭର ମହାସଂଘର ମହାମିଳନ ଉତ୍ସବ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ରାଜ୍ୟ ସହ ସମ୍ପାଦକ ତଥା ଯାଜପୁର ଜିଲା ସଭାପତି ମାନସ ଦେବତା, ସମ୍ମାନିତ ଅତିଥି ଉପସଭାପତି ଅମୀର ପତି, କଙ୍କଡ଼ାହାଡ଼ ବ୍ଲକ ସଭାପତି ଚତୁର୍ଭୁଜ ମହାନ୍ତିଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ଯୋଗଦେଇଥିଲେ। ୧୦ ଦଫା ଦାବି ନେଇ ଦଣ୍ଡବତ ଯାତ୍ରା ଆରମ୍ଭ କରାଯାଇଥିବାବେଳେ ଏହି ଆନ୍ଦୋଳନକୁ ଜୋରଦାର କରିବାକୁ ମତ ପ୍ରକାଶ ପାଇଥିଲା। ଏହି ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ମୃତ୍ୟୁ ଘଟିଥିବା ୨ ଡ୍ରାଇଭରଙ୍କ ପରିବାରକୁ ସମ୍ମାନିତ କରାଯାଇଥିଲା।

# ଟ୍ରାନ୍ସଫର୍ମର ପୋଡ଼ି ୨ ଗାଁ ଅନ୍ଧାର

- ସମସ୍ୟା ବୁଝୁନି ବିଭାଗ
- ଜିଲାପାଳଙ୍କୁ ଫେରାଦ୍

ବଇଣ୍ଡା, ୨୫।୧୦(ଡି.ଏନ୍.ଏ.)

ଆଠମଲ୍ଲିକ ବ୍ଲକ ପାଇକସାହି ପଞ୍ଚାୟତର କୁଡ଼ାସାହି ଓ ବାଲିସାହିକୁ ବିଦ୍ୟୁତ୍ ଯୋଗାଉଥିବା ୬୩ କେଭି କ୍ଷମତା ବିଶିଷ୍ଟ ଟ୍ରାନ୍ସଫର୍ମର ୫ଦିନ ହେଲା ପୋଡ଼ିଯାଇଛି। ଫଳରେ ସମ୍ପୃକ୍ତ ୨ ଗ୍ରାମର ବାସିନ୍ଦା ଅନ୍ଧାରରେ ଦିନ କାଟୁଛନ୍ତି। ବିଭାଗୀୟ ଅଧିକାରୀଙ୍କୁ ଅଭିଯୋଗ ସତ୍ତ୍ୱେ ପଦକ୍ଷେପ ନିଆଯାଉ ନ ଥିବାରୁ ଏହାର ପ୍ରତିବାଦରେ ଅଞ୍ଚଳବାସୀ ମଙ୍ଗଳବାର ଅନୁଗୋଳ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଅଭିଯୋଗପତ୍ରର ନକଲ ଆଠମଲ୍ଲିକ ବିଧାୟକ, ଟିପିସିଓଡିଏଲ୍‌ର ପଦସ୍ଥ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି।

ଗ୍ରାମବାସୀ ଅଭିଯୋଗରେ ଉଲ୍ଲେଖ କରିଛନ୍ତି, ଦୁଇ ଗ୍ରାମରେ ୨୦୦ ଉପଭୋକ୍ତା ରହିଛନ୍ତି। ଉକ୍ତ ଟ୍ରାନ୍ସଫର୍ମର ଉପରେ ଅତିରିକ୍ତ ଚାପ ପଡୁଛି। ସେହି ସ୍ଥାନରେ ୧୦୦ କେଭିର ଏକ ଟ୍ରାନ୍ସଫର୍ମର ଲଗାଇବା ପାଇଁ ଗ୍ରାମବାସୀ ବିଦ୍ୟୁତ୍ କାର୍ଯ୍ୟାଳୟରେ ଅଭିଯୋଗ କରିବା ସତ୍ତ୍ୱେ ସୁଫଳ ମିଳୁନାହିଁ। ଫଳରେ ଚାପ ସମ୍ଭାଳି ନ ପାରି ଟ୍ରାନ୍ସଫର୍ମର ପୋଡ଼ିଯାଇଛି।



ପୋଡ଼ିଯାଇଥିବା ଟ୍ରାନ୍ସଫର୍ମର।

ଏହାପରେ ଗ୍ରାମବାସୀ, ଛାତ୍ରୀଛାତ୍ର ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ଉଭୟ ଗ୍ରାମର ଉପଭୋକ୍ତାଙ୍କ ହିତ ଦୃଷ୍ଟିରୁ ଦାବି ପୂରଣ କରିବା ଲାଗି ଜୟନ୍ତ ପ୍ରଧାନ, ଭୁବନ ଜେନା, ବ୍ରହ୍ମା ପ୍ରଧାନ, ହୃଷୀକେଶ ବେହେରା, ଶ୍ରୀପତି ବେହେରା, ପ୍ରତାପ ପ୍ରଧାନ, ସୁଧାକର ପ୍ରଧାନ, ପବିତ୍ର ଦେହୁରୀ ଦାବି କରିଛନ୍ତି। ଏ ନେଇ ବଇଣ୍ଡା ବିଦ୍ୟୁତ୍ ବିଭାଗ କନିଷ୍ଠ ଯନ୍ତ୍ରୀ ପଙ୍କଜ ଖିଲାର କୁହନ୍ତି, ଟ୍ରାନ୍ସଫର୍ମର ପୋଡ଼ିଯିବା ସମ୍ପର୍କରେ ଅବଗତ ଅଛୁ। ଖୁବ୍‌ଶୀଘ୍ର ନୂତନ ଟ୍ରାନ୍ସଫର୍ମର ଲଗାଇବା ଉପରେ ଗୁରୁତ୍ୱ ଦିଆଯିବ।

# ମାଳପୁରାରେ କାଳୀପୂଜା



କାମାକ୍ଷାନଗର, ୨୫।୧୦(ଡି.ଏନ୍.ଏ.)

କାମାକ୍ଷାନଗର ବ୍ଲକ ବାଇସିଙ୍ଗା ମାଳପୁରାରେ କାଳୀପୂଜା ଆରମ୍ଭ ହୋଇଛି। ବ୍ରତଧାରୀମାନେ ନିକଟ ଜଳାଶୟରୁ ଜଳପୂର୍ଣ୍ଣ କଳସ ଆଣି ମଣ୍ଡପରେ ସ୍ଥାପନ କରିଥିଲେ। ଏହା ପରେ ପୂଜାର୍ଚ୍ଚନା ଆରମ୍ଭ ହୋଇ ବିଳମ୍ବିତ ରାତି ପର୍ଯ୍ୟନ୍ତ ଚାଲିଥିଲା। ହିତେନ୍ଦ୍ର ବିଶ୍ୱାଳ, ରବିନାରାୟଣ ବିଶ୍ୱାଳ, ଜିତେନ୍ଦ୍ର ବିଶ୍ୱାଳ, ସୁବ୍ରତ ସାହୁ, ସୁବାସ ରାଉତ, ସଞ୍ଜୀୟ ସାହୁ, ସୁନୀଲ ସାହୁ, ଗିରିଶ ଦାସ, ପ୍ରଣବ ରାଉତ ପ୍ରମୁଖ ସହଯୋଗ କରିଥିଲେ। ପୂଜା ଦେଖିବାକୁ ବହୁସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ସମାଗମ ହେଉଛି।

# ନାଲ୍‌କୋରେ ଅବସର ସମ୍ବର୍ଦ୍ଧନା




କାର୍ଯ୍ୟକ୍ରମରେ ସଙ୍ଗଠନର କାର୍ଯ୍ୟକର୍ତ୍ତାବୃନ୍ଦ।

ବଆଁରପାଳ, ୨୫।୧୦(ଡି.ଏନ୍.ଏ.)

ନାଲକୋ ସିପିପିରେ ଆଇଏନ୍‌ଟିୟୁସି ସହବନ୍ଧିତ ସଙ୍ଗଠନ ନାଲକୋ ଶ୍ରମିକ କଂଗ୍ରେସ ୟୁନିୟନ ତରଫରୁ ସଙ୍ଗଠନର ବରିଷ୍ଠ ସଦସ୍ୟ ରବିନାରାୟଣ ମିଶ୍ର, ନିର୍ମଳ ସିଂହଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ସଙ୍ଗଠନର ସାଧାରଣ ସମ୍ପାଦକ ବିଭବ ଜେନାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ସଭାରେ ଦୁଇ ଅଧିକାରୀଙ୍କ କର୍ତ୍ତବ୍ୟନିଷ୍ଠା, ସଙ୍ଗଠନ ପ୍ରତି ଥିବା ଅବଦାନ ଓ ସେମାନଙ୍କ କର୍ମମୟ ଜୀବନ ଉପରେ ଆଲୋଚନା କରାଯାଇଥିଲା। ବରିଷ୍ଠ ସମ୍ପାଦକ ଧର୍ମାନନ୍ଦ ନାୟକ, ଉପଦେଷ୍ଟା ସନ୍ତୋଷ ରାଉତ କର୍ମଚାରୀଙ୍କ ନ୍ୟାଯ୍ୟ ଦାବି ହାସଲ ପାଇଁ ସଙ୍ଗଠିତ ଭାବେ କାର୍ଯ୍ୟ କରିବା ଲାଗି ମାର୍ଗଦର୍ଶନ କରାଇଥିଲେ। କାର୍ଯ୍ୟକାରୀ ସଭାପତି ହେମନ୍ତ ପ୍ରଧାନଙ୍କ ସଭାପତିତ୍ୱରେ ପ୍ରଣବ ଜେନା, ଅଶୋକ ବେହେରା, ଅରୁଣ ଦାସ, ରମେଶ ତରାଇ, ସନ୍ତୋଷ ମହାରଣା ଆର୍ତ୍ତତ୍ରାଣ ସାମଲ, ସନାତନ ନାଏକ, ପି.ସି. ମୁର୍ମୁ, ଅକ୍ଷୟ ଭୋଇ, ଅମିୟ ରଞ୍ଜନ ଦଳେଇ, ଏସ୍. ପରିଜା, ସୁଶୀଲ ସାହୁ, ବିଭୂତି ଲାକ୍ରା, ଗଜେନ୍ଦ୍ର ହେମ୍ବ୍ରମ, ଏସ୍. ମୁର୍ମୁ, ଅଶୋକ ପ୍ରଧାନ, ହରେକୃଷ୍ଣ ନାଥ, ସଞ୍ଜୟ ଭୂତିଆ, କେଶବ ରଣା, ନାଗେଶ୍ୱର ବେହେରା, କରୁଣା ସାହୁ, ସରୋଜ ବେହେରା, ଟିକନ ଦେହୁରୀ, ଜନ୍ମେଜୟ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

### ମହିଳାଙ୍କ ମୃତଦେହ ଠାବ

ପାଲଲହଡ଼ା, ୨୫।୧୦(ଡି.ଏନ୍.ଏ.)

ଅନୁଗୋଳ ଜିଲା ପାଲଲହଡ଼ା ଥାନା ନିଜିଗଡ଼ ପଞ୍ଚାୟତ ଉଦୟପୁର ସାହି ନିକଟ ରାସ୍ତାକଡ଼ରୁ ଜଣେ ମହିଳାଙ୍କ ମୃତଦେହ ଠାବ କରାଯାଇଛି। ମୃତା ମହିଳା ଜଣକ ଜୋକପାଣି ଗ୍ରାମର ଡଲି ନାୟକ ବୋଲି ପ୍ରାଥମିକ ତଦନ୍ତରୁ ପୋଲିସ ଜାଣିବାକୁ ପାଇଛି। ତେବେ ସେ କିପରି ଓ କେଉଁ ପରିସ୍ଥିତିରେ ଏଠାକୁ ଆସିଲେ, ତାଙ୍କର ମୃତ୍ୟୁ କିପରି ଘଟିଛି, ତାହା ଅସ୍ପଷ୍ଟ ରହିଛି। ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ପଠାଇଛି। ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି।

### ମହିଳାଙ୍କୁ ନିର୍ଯାତନା ଅଭିଯୋଗ

ବଇଣ୍ଡା, ୨୫।୧୦(ଡି.ଏନ୍.ଏ.)

ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା ସୋମନାଥପୁର ଗ୍ରାମର ଗୀତାଞ୍ଜଳି ମାଝିଙ୍କୁ ତାଙ୍କ ସ୍ୱାମୀ ରଣଜିତ୍ ସ୍ୱାଇଁ ଶାରୀରିକ ନିର୍ଯାତନା ଦେଉଥିବା ସୋମବାର ଠାକୁରଗଡ଼ ଥାନାରେ ଅଭିଯୋଗ ହୋଇଛି। ଏ ନେଇ ତାଙ୍କ ବାପାଙ୍କ ଅଭିଯୋଗକ୍ରମେ ପୋଲିସ ପକ୍ଷରୁ ନଂ. ୨୬୦/୨୨ରେ ଏକ ମାମଲା ରୁଜୁ କରାଯାଇଛି। ରଣଜିତ୍ ବିନା କାରଣରେ ଗୀତାଞ୍ଜଳିଙ୍କୁ ମାଡ଼ ମାରୁଥିବା ଅଭିଯୋଗପତ୍ରରେ ଉଲ୍ଲେଖ ରହିଛି।

# ଗୁଣି ସନ୍ଦେହରେ ପରିବାରକୁ ଆକ୍ରମଣ

### ସଚେତନ କଲା ପୋଲିସ

କାମାକ୍ଷାନଗର, ୨୫।୧୦(ଡି.ଏନ୍.ଏ.)

ଢେଙ୍କାନାଳ ଜିଲା କଙ୍କଡାହାଡ଼ ବ୍ଲକ ମକୁଆକାଟେଣି ପଞ୍ଚାୟତ ହଳଦୀକୁଣ୍ଡି ଗ୍ରାମରେ ଗୁଣିଗାରେଡ଼ି ସନ୍ଦେହରେ ଗ୍ରାମର କେତେଜଣ ବ୍ୟକ୍ତି କାର୍ତ୍ତିକ ମୁଣ୍ଡାଙ୍କ ପରିବାର ସଦସ୍ୟଙ୍କ ଉପରେ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଗତ ଶନିବାର ଏହି ଘଟଣା ଘଟିଥିବା ନେଇ କାର୍ତ୍ତିକ ଥାନାରେ ଅଭିଯୋଗ କରିଛନ୍ତି। ମଙ୍ଗଳବାର କଙ୍କଡାହାଡ଼ ତହସିଲଦାର ରବୀନ୍ଦ୍ର ସାମଲ, ଥାନାଧିକାରୀ ନିର୍ମଳା ଗୋଛାୟତ, ପୂର୍ବତନ ବ୍ଲକ ଅଧ୍ୟକ୍ଷ କାର୍ତ୍ତିକ ସାହୁ, ସରପଞ୍ଚ ଦୀପାମଞ୍ଜରୀ ସାହୁ ପ୍ରମୁଖ ଲୋକଙ୍କୁ ସଚେତନ କରିଛନ୍ତି। ଗୁଣିଗାରେଡ଼ି ଭଳି ଅନ୍ଧବିଶ୍ୱାସଠାରୁ ଦୂରରେ ରହିବାକୁ ସେମାନେ ପରାମର୍ଶ ଦେଇଛନ୍ତି। ଏ ନେଇ ଥାନାଧିକାରୀ କୁହନ୍ତି, ଗ୍ରାମର ଜଣେ ୧୦ ବର୍ଷର ଶିଶୁଙ୍କ ଦେହ ଖରାପ ହେବାରୁ କାର୍ତ୍ତିକଙ୍କ ଉପରେ ସନ୍ଦେହ କରି କେତେଜଣ ବ୍ୟକ୍ତି ଆକ୍ରମଣ କରିଥିଲେ। ଅଭିଯୋଗ ମିଳିବା ପରେ ଶିଶୁଙ୍କୁ କାମାକ୍ଷାନଗର ଉପଖଣ୍ଡ ଡାକ୍ତରଖାନାକୁ ଚିକିତ୍ସା ପାଇଁ ପଠାଯାଇଛି। ଚିକିତ୍ସା ଲାଗି ୩୦୦୦ ଟଙ୍କା ସହାୟତା ପ୍ରଦାନ କରାଯାଇଛି। ଆକ୍ରମଣର ଶିକାର ପରିବାର ଜିଲା ମଙ୍ଗଳ ଅଧିକାରୀଙ୍କ ହେପାଜତରେ ଅଛନ୍ତି।



ବୈଠକରେ ଗ୍ରାମବାସୀ ଏବଂ ପୋଲିସ କର୍ମଚାରୀ।

# ବାଲିପଶି ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ



ଟୁର୍ନାମେଣ୍ଟରେ ଖେଳାଳିମାନେ।

ପାଲଲହଡ଼ା, ୨୫।୧୦(ଡି.ଏନ୍.ଏ.)

ପାଲଲହଡ଼ା ବ୍ଲକ ବାଲିପଶି ପଞ୍ଚାୟତ ଖେଳପଡ଼ିଆରେ ସୋମବାରଠାରୁ ଆରମ୍ଭ ହୋଇଛି ୪ର୍ଥ ବାଲିପଶି ଫୁଟବଲ ଟୁର୍ନାମେଣ୍ଟ। ଅବସରପ୍ରାପ୍ତ ଶିକ୍ଷକ ବସନ୍ତ କୁମାର ପାଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ୧୬ ଦଳ ଭାଗ ନେଇଛନ୍ତି। ଦ୍ୱିତୀୟ ଦିନରେ ମୁଖ୍ୟ ଅତିଥି ଭାବେ ପେଚାମୁଣ୍ଡି ସରପଞ୍ଚ ରମେଶ ଚନ୍ଦ୍ର ପ୍ରଧାନ, ଗଣମାଧ୍ୟମ ପ୍ରତିନିଧି ଦେବଦତ୍ତ ସାହୁ, ସବ୍ୟସାଚୀ କପର୍ଦ୍ଦାର ଯୋଗଦେଇଥିଲେ। ବୁଧବାର ଟୁର୍ନାମେଣ୍ଟର ଅନ୍ତିମ ଦିବସରେ ଦୁଇଟି ସେମିଫାଇନାଲ ସାଙ୍ଗକୁ ଫାଇନାଲ୍ ମ୍ୟାଚ୍ ଅନୁଷ୍ଠିତ ହେବ। ଏଥିସହ ୨ଟି ମହିଳା ଦଳର ପ୍ରଦର୍ଶନୀ ମ୍ୟାଚ୍ ଅନୁଷ୍ଠିତ ହେବ। ଭୋଳେଶ୍ୱର ଗାଗରାଇ, ବସନ୍ତ ବେହେରା, ଈଶ୍ୱର ବେହେରା ପ୍ରମୁଖ ମ୍ୟାଚ୍ ପରିଚାଳନା କରିଥିଲେ। ବାଲିପଶି ଫୁଟବଲ ଆସୋସିଏଶନର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

# ବିଶ୍ୱଶାନ୍ତିରେ ବାଧକ ପୁଞ୍ଜିବାଦୀ ରାଷ୍ଟ୍ର




କାର୍ଯ୍ୟକ୍ରମରେ ଅତିଥି ବୃନ୍ଦ।

ଢେଙ୍କାନାଳ ଅଫିସ, ୨୫।୧୦

ଢେଙ୍କାନାଳ ରଥଗଡ଼ାସ୍ଥିତ ଉତ୍ଫୁଲ୍ଲା କାର୍ଯ୍ୟାଳୟରେ ସୋମବାର ବିଶ୍ୱ ଜାତିସଂଘ ଦିବସ ପାଳିତ ହୋଇଯାଇଛି। ଉତ୍ଫୁଲ୍ଲାର ରାଜ୍ୟ ଅଧ୍ୟକ୍ଷ ଆଡଭୋକେଟ୍ ମନୋରଞ୍ଜନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ବିଚାରପତି ଭିକାରି ଚରଣ ରାଉତ ଯୋଗଦେଇ କହିଲେ, ୧୯୪୫ ଅକ୍ଟୋବର ୨୪ରେ ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ପାଇଁ ମିଳିତ ଜାତିସଂଘ ପ୍ରତିଷ୍ଠା ହୋଇଥିଲା। ଉଦ୍‌ଘାଟକ ବରିଷ୍ଠ ଆଇନଜୀବୀ ଶ୍ୟାମସୁନ୍ଦର ପଣ୍ଡା କହିଲେ, ପୁଞ୍ଜିବାଦୀ ରାଷ୍ଟ୍ରଗୁଡ଼ିକର କ୍ଷମତାର ଅପବ୍ୟବହାର ଯୋଗୁ ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ହୋଇପାରୁନାହିଁ। ଭାରତକୁ ଜାତିସଂଘ ନିରାପତ୍ତା ପରିଷଦର ସ୍ଥାୟୀ ସଦସ୍ୟ ରୂପେ ଗ୍ରହଣ କରିବା ପାଇଁ ଶିକ୍ଷାବିତ୍ ପ୍ରଫେସର ତାରାପ୍ରସନ୍ନ ଶତପଥୀ ଦାବି କରିଥିଲେ। ପରିବେଶବିତ୍ ଉପେନ୍ଦ୍ର ରାଉତ, ଉତ୍ଫୁଲ୍ଲା ସମ୍ପାଦକ କବି ବାହାଦୁର ପାଟସାହାଣୀ, ଦେଶ୍ କୀ ବାତ୍ ସଙ୍ଗଠନର ରାଜ୍ୟ ଆବାହକ ସରୋଜ ଶତପଥୀ, ପ୍ରାକୃତିକ ଚିକିତ୍ସା କେନ୍ଦ୍ର ପରିଚାଳକ ପୀତବାସ ସାହୁ, ଡମ୍ବରୁଧର ପଣ୍ଡା, ଅକ୍ଷୟ ଶତପଥୀ, ଯୁବନେତା ଅବିନାଶ ଦାସ, ଆଡଭୋକେଟ ଦମୟନ୍ତୀ ମହାନ୍ତି, ପ୍ରଫେସର ଦିଲୀପ ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।

# ୧୦ ଫୁଟର ଅହିରାଜ ଉଦ୍ଧାର

ବଇଣ୍ଡା, ୨୫।୧୦(ଡି.ଏନ୍.ଏ.)

ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ପଞ୍ଚାୟତ ରାଣୀବନ୍ଧ ଗ୍ରାମର କୁନା ମହାରଣାଙ୍କ ଘରୁ ସୋମବାର ଏକ ୧୦ ଫୁଟ ଲମ୍ବର ଅହିରାଜ ଉଦ୍ଧାର କରାଯାଇଛି। ଉକ୍ତ ବିଶାଳକାୟ ସାପ ସ୍ଥାନୀୟ ବୁଦୁବୁଦିଆ ଜଙ୍ଗଲରୁ ଆସିଥିବା ଅନୁମାନ କରାଯାଉଛି। ସୂଚନା ପାଇ ସ୍ନେକ୍ ହେଲ୍ପଲାଇନ ସଦସ୍ୟ ବିଛନ୍ଦ ଲହରା ପହଞ୍ଚି ସୁରକ୍ଷିତ ଅବସ୍ଥାରେ ଅହିରାଜକୁ ଉଦ୍ଧାର କରିଥିଲେ। ଧଣ୍ଡାତୋପା ବନ ଅଧିକାରୀଙ୍କ ସହାୟତାରେ ଏହାକୁ ଜଙ୍ଗଲରେ ଛାଡ଼ି ଦିଆଯାଇଛି।



ଉଦ୍ଧାର ଅହିରାଜ।

# ୭ମ ବେତନ କମିଶନ ହାରରେ ଦରମା ଦିଅ

### ଓଷ୍ଟାର ଜିଲା କାର୍ଯ୍ୟକାରିଣୀରେ ଦାବି

ଢେଙ୍କାନାଳ ଅଫିସ୍, ୨୫।୧୦

ଢେଙ୍କାନାଳ ଜିଲା ଓଷ୍ଟାର କାର୍ଯ୍ୟକାରିଣୀ ବୈଠକ ମଙ୍ଗଳବାର ସଂଘ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ସନ୍ତୋଷ କୁମାର ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଦିବଂଗତ ସଦସ୍ୟଙ୍କ ଅମରାତ୍ମାର ସଦ୍‌ଗତି କାମନା କରାଯାଇଥିଲା। ଜିଲା ସମ୍ପାଦକ ବିଭୂତି ଭୂଷଣ ସାମଲ କହିଲେ, ଓଷ୍ଟା ପରିଚାଳିତ ଟ୍ୟାଲେଣ୍ଟ ସର୍ଚ୍ଚ ପରୀକ୍ଷା ପାଇଁ ନଭେମ୍ବର ୨ ମଧ୍ୟରେ ୯ମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ଫର୍ମ ପୂରଣ କରାଯିବ। ପ୍ରତି ବିଦ୍ୟାଳୟର ଅନ୍ୟୂନ ୧୦ ଛାତ୍ରୀଛାତ୍ର ଅଂଶଗ୍ରହଣ କରିପାରିବେ। ଡିସେମ୍ବରରେ ବ୍ଲକ ଏବଂ ଜିଲାସ୍ତରରେ ଶିଶୁମେଳା ଅନୁଷ୍ଠିତ ହେବ। ରାଜ୍ୟ ସରକାର ସମସ୍ତଙ୍କୁ ୭ମ ବେତନ କମିଶନ ହାରରେ ଦରମା ନ ଦେଲେ ତୀବ୍ର ସ୍ୱର ଉତ୍ତୋଳନ କରାଯିବ ବୋଲି ନିଷ୍ପତ୍ତି ହୋଇଛି। ଶିକ୍ଷକଙ୍କ ବକେୟା ଦରମା, କେତେଜଣ ଶିକ୍ଷକଙ୍କ ଇନ୍‌କ୍ରିମେଣ୍ଟ ୬୧୦-୪୮ ବର୍ଗର କ୍ୟାଡର ତାଲିକା ସହିତ ଏଷ୍ଟାବ୍ଲିଶମେଣ୍ଟ ସେକ୍ସନରେ ଫାଇଲ ପଡ଼ିରହିବା ଆଦି ବିଷୟକୁ ନେଇ ଅସନ୍ତୋଷ ପ୍ରକାଶ ପାଇଥିଲା। ଜିଲାର ପ୍ରତି ସ୍କୁଲରେ ନଭେମ୍ବରରେ ସଭ୍ୟ ସଂଗ୍ରହ କରାଯିବ ବୋଲି ସୂଚନା ଦିଆଯାଇଛି।

ବୈଠକରେ ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ଶ୍ରୀରାମ ରାଉତ, କାର୍ଯ୍ୟକାରୀ ସଭାପତି ପୀତାମ୍ବର ଦାସ, ଉପସଭାପତି ରେଣୁବାଳା ବେହେରା, ଗଜେନ୍ଦ୍ର ନାୟକ, ଶଶିକାନ୍ତ ଦାସ, ଯୁଗ୍ମ ସମ୍ପାଦକ ସୁବାସ ଚନ୍ଦ୍ର ସାହୁ, ହିନ୍ଦୋଳ ବ୍ଲକ ସଭାପତି ପ୍ରମୋଦ ସ୍ୱାଇଁ, ସୁରେଶ ପରିଡ଼ା, ତୃପ୍ତିମୟୀ ସାହୁ, ଗୀତାଞ୍ଜଳି ବରାଳ, ଉପଦେଷ୍ଟା ସରୋଜକାନ୍ତ ଦାସ, ପ୍ରଶାନ୍ତ କୁମାର ଧଳ ପ୍ରମୁଖ ଉପସ୍ଥିତ ଥିଲେ।




ବୈଠକରେ ଓଷ୍ଟା ସଂଘର କର୍ମକର୍ତ୍ତାମାନେ।

## ସଂକ୍ଷେପରେ

### ୪୦ ହଜାର ନେଇଗଲେ ସାଇବର ଠକ

**ଅନୁଗୋଳ ଅଫିସ, ୨୫ା୧୦:** ଅନୁଗୋଳ ଜିଲା ବିକ୍ରମପୁର ଥାନା କାନପୁର ଅଞ୍ଚଳର ଯୁବକ ବିଶ୍ୱଜିତ ପଣ୍ଡା ସାଇବର ଠକେଇ ଶିକାର ହୋଇଛନ୍ତି। ସାଇବର ଠକ କୌଶଳକ୍ରମେ ତାଙ୍କୁ ଭୂଆଁ ବୁଲାଇ ୪୦ ହଜାର ଟଙ୍କା ଚଲୁ କରିଥିବା ଅଭିଯୋଗ ହୋଇଛି। ଥାନାରେ ଲିଖିତ ଅଭିଯୋଗ ପରେ ପୋଲିସ ନଂ. ୨୭୭/୨୨ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଅଭିଯୋଗରୁ ପ୍ରକାଶ, ବିଶ୍ୱଜିତଙ୍କୁ ଦୁଇଟି ଅଜଣା ନମ୍ବରରୁ ଫୋନ୍ ଆସିଥିଲା। ତାଙ୍କ ନିକଟରେ ଥିବା କ୍ରେଡିଟ୍ କାର୍ଡ ବନ୍ଦ ହୋଇଯିବ ଓ ୭ ହଜାର ଟଙ୍କା କଟିଯିବ ବୋଲି ଠକ କହିଥିଲେ। ତେବେ ଠକଙ୍କ କଥାରେ ଭାସିଯାଇ ବିଶ୍ୱଜିତ ଏକ ଆପ୍ ଡାଉନ୍‌ଲୋଡ କରି ସମସ୍ତ ତଥ୍ୟ ପ୍ରଦାନ କରିଥିଲେ। ଏହାପରେ ତାଙ୍କ ଆକାଉଣ୍ଟରୁ ୩୯ ହଜାର ୯୯୮ ଟଙ୍କା କଟିଯାଇଥିଲା। ପରେ ସେ ଠକାମିର ଶିକାର ହୋଇଥିବା ଜାଣି ପୋଲିସ ଦ୍ୱାରସ୍ଥ ହୋଇଥିଲେ।

### ଅବସରପ୍ରାପ୍ତ ଶିକ୍ଷକଙ୍କ ପରଲୋକ

**କଣିହାଁ, ୨୫ା୧୦ (ଡି.ଏନ.ଏ.):** କଣିହାଁ ବ୍ଲକ କଂସମୁଣ୍ଡା ଗ୍ରାମର



ଅବସରପ୍ରାପ୍ତ ଶିକ୍ଷକ ଜଗଦାନନ୍ଦ ସାହୁଙ୍କ ମଙ୍ଗଳବାର ପରଲୋକ ହୋଇଯାଇଛି। ମୃତ୍ୟୁବେଳକୁ ତାଙ୍କୁ ୮୦ ବର୍ଷ ହୋଇଥିଲା। ୨ ଦିନ ହେବ ଅସୁସ୍ଥତା କାରଣରୁ ଅନୁଗୋଳର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସା ପାଇଁ ତାଙ୍କୁ ଭର୍ତ୍ତି କରାଯାଇଥିଲା। ଅପରାହ୍ନରେ ତାଙ୍କର ବିୟୋଗ ହୋଇଥିଲା। ସେ ଜଣେ ଛାତ୍ର ବତ୍ସଳ ଶିକ୍ଷକ ଭାବେ ଅଞ୍ଚଳରେ ପରିଚିତ ଥିଲେ। ଗ୍ରାମ ସଭାପତି ଭାବେ ଦାୟିତ୍ୱ ତୁଲାଇ ବହୁ ଉନ୍ନତିମୂଳକ କାର୍ଯ୍ୟ ମଧ କରିଯାଇଛନ୍ତି। ତାଙ୍କ ମୃତ୍ୟୁ ଖବର ଜଣାପଡ଼ିବା ପରେ ଗ୍ରାମ ସମେତ ଆଖପାଖ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଶିକ୍ଷକ ଜଗଦାନନ୍ଦଙ୍କ ବିୟୋଗରେ ଢେଙ୍କାନାଳ ଏମ୍‌ପି ମହେଶ ସାହୁ ଶୋକ ବ୍ୟକ୍ତ କରିବା ସହ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି।

### ଶିକାର ପାଇଁ ଉଦ୍ଦିଷ୍ଟ ବୋମା ବିସ୍ଫୋରଣରେ ୨ ମହିଳା ଗୁରୁତର

**ରାସୋଲ, ୨୫ା୧୦(ଡି.ଏନ୍.ଏ.):** ବନ୍ୟପ୍ରାଣୀ ଶିକାର ପାଇଁ ଉଦ୍ଦିଷ୍ଟ ବୋମା ବିସ୍ଫୋରଣରେ ଦୁଇ ମହିଳା ଗୁରୁତର ହୋଇଛନ୍ତି। ଢେଙ୍କାନାଳ ଜିଲା ରାସୋଲ ଥାନା କୁନୁଆ ଗ୍ରାମରେ ମଙ୍ଗଳବାର ରାତି ପ୍ରାୟ ସାଢ଼େ ୮ଟାରେ ଏଭଳି ଅଭାବନୀୟ ଘଟଣା ଘଟିଛି। ପୋଲିସ ସୂଚନା ଅନୁଯାୟୀ, କେତେଜଣ ପେସାଦାର ଶିକାରୀ ଶିକାର ପାଇଁ ଉଦ୍ଦିଷ୍ଟ ବୋମାରେ ନିଆଁ ଲଗାଇ ଦେବା ଫଳରେ ତାହା ବିପଜ୍ଜନକ ଭାବେ ବିସ୍ଫୋରଣ ହୋଇଥିଲା। ଏଥିରେ ଚାଇନ ବେଓ୍ୱାଙ୍କ ବେକ ଏବଂ ଅମୃତା ବେହେରାଙ୍କ ପିଚାରେ ଗଭୀର କ୍ଷତ ସୃଷ୍ଟି ହୋଇଛି। ଉଭୟଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ମେଡିକାଲରେ ଭର୍ତ୍ତି କରିଥିଲେ। ଘଟଣା ପରେ ଅଭିଯୁକ୍ତଙ୍କୁ ଧରି ପୋଲିସ ଅଟକ ରଖିଛି।

## ଉପନିର୍ବାଚନରେ ଚ୍ୟାଲେଞ୍ଜ ହୋଇପାରେ

# ଭଦ୍ରକରେ ମେଡିକାଲ କଲେଜ, ବିଶ୍ୱବିଦ୍ୟାଳୟ

**ଧାମନଗର, ୨୫ା୧୦ (ଡି.ଏନ୍.ଏ.)** ଧାମନଗର ଉପନିର୍ବାଚନ ପାଇଁ ପ୍ରଚାର ବାତାବରଣ ସରଗରମ ହେଉଥିବା ବେଳେ ସାମାଜିକ ଗଣମାଧ୍ୟମରେ ଧାମନଗର ସ୍ୱାଭିମାନ ଓ ଭଦ୍ରକ ଜିଲାର ମୌଳିକ ପ୍ରସଙ୍ଗକୁ ନେଇ ଚର୍ଚ୍ଚା ଚାଲିଛି। ଏସବୁ ଭିତରେ ଭଦ୍ରକ ଜିଲା ପ୍ରତି ବିଭିନ୍ନ ସମୟରେ ରାଜ୍ୟ ସରକାରଙ୍କ ଅବହେଳା ପ୍ରସଙ୍ଗକୁ ନେଇ ପ୍ରଶ୍ନ ଉଠିଛି। ଆଖୁଆପଦାଠାରେ ବ୍ୟାରେଜ ନିର୍ମାଣ, ଧାମନଗର ଛକରେ ଫୁଡ୍ ପାର୍କ ପ୍ରତିଷ୍ଠା ଦିଗରେ ରାଜ୍ୟ ସରକାରଙ୍କ ଅବହେଳାକୁ ସାଧାରଣରେ ସମାଲୋଚନା କରାଯାଉଥିବା ବେଳେ ଅନ୍ୟ ଦୁଇ ପ୍ରସଙ୍ଗ ପାଲଟିଛି ଭଦ୍ରକରେ ମେଡିକାଲ କଲେଜ ଓ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା। ବିଜେଡିର ପୂର୍ବତନ ବିଧାୟକ ରାଜେନ୍ଦ୍ର ଦାସ (ରାଜୁ) ଦଳୀୟ ଟିକେଟରୁ ବଞ୍ଚିତ ହେବା ପଛରେ ଦଳର ସାଙ୍ଗଠନିକ ସମ୍ପାଦକ ଓ ଭଦ୍ରକର କେତେଜଣ ପ୍ରମୁଖ ନେତାଙ୍କୁ ରାଜୁଙ୍କ ସମର୍ଥକ ଓ ଶୁଭେଚ୍ଛୁମାନେ ଟାର୍ଗେଟ କରିଛନ୍ତି। ଅତୀତରେ ୨୦୦୦ରେ ବିଜେଡି-ଭାଜପା ମେଣ୍ଟରେ ଧାମନଗର ଆସନ ଭାଜପା ଭାଗରେ ପଡ଼ିବା ପରେ ଦିବଂଗତ ବିଧାୟକ ମାନସ ମଲିକ ଜିତିଥିଲେ। ଦଳୀୟ ନିଷ୍ପତ୍ତି ବିରୋଧରେ ଯାଇ ମାନସ ସ୍ୱାଧୀନ ଭାବେ ବିଜୟୀ ହୋଇଥିଲେ। ପୁନର୍ବାର ଏହି ଇତିହାସକୁ ଦୋହରାଇବା ପାଇଁ ରାଜୁଙ୍କ ସମର୍ଥକ ଓ ବିଜେଡିର ବହୁ ଛାମୁଆ କର୍ମୀ ଉଦ୍ୟମ ଆରମ୍ଭ କରିଛନ୍ତି।

ଭଦ୍ରକରେ ମେଡିକାଲ କଲେଜ ପାଇଁ ଜିଲାବ୍ୟାପୀ ଜନ ଆନ୍ଦୋଳନ କରାଯାଇଛି। ହେଲେ ରାଜ୍ୟ ସରକାର ପଡ଼ୋଶୀ ଯାଜପୁର ଜିଲାରେ ମେଡିକାଲ କଲେଜ ପ୍ରତିଷ୍ଠା ଲାଗି ନିଷ୍ପତ୍ତି ନେବା ପରେ ସାଧାରଣ ଲୋକ ବିଶେଷକରି ଧାମନଗରବାସୀଙ୍କ ମଧ୍ୟରେ ଅସନ୍ତୋଷ ପୁଞ୍ଜୀଭୂତ ହୋଇରହିଛି। ସେହିପରି ରାଜ୍ୟ ସରକାରଙ୍କ ଆନ୍ତରିକତା ଅଭାବରୁ ଭଦ୍ରକରେ ବିଶ୍ୱବିଦ୍ୟାଳୟ ସ୍ଥାପନ ହୋଇପାରୁ ନ ଥିବାରୁ ଏହି ଦୁଇ ପ୍ରସଙ୍ଗ ଉପ ନିର୍ବାଚନରେ ବିଜେଡି ପାଇଁ ଚ୍ୟାଲେଞ୍ଜ ହେବ ବୋଲି ଆଲୋଚନା ହେଉଛି। ଧାମନଗର ହେଉଛି ଏକ ବନ୍ୟା ପ୍ରପୀଡ଼ିତ ଅଞ୍ଚଳ। ବନ୍ୟା ନିୟନ୍ତ୍ରଣ ପାଇଁ ରାଜ୍ୟ ସରକାରଙ୍କ ବିଫଳତାକୁ ଧାମନଗରବାସୀ ବିଚାରକୁ ନେଇ ବିଜେଡି ନେତୃତ୍ୱକୁ ପ୍ରତ୍ୟାଖ୍ୟାନ କରିବାକୁ ଆହ୍ୱାନ ଦିଆଯାଉଛି। ଧାମନଗର ଛକରେ ଫୁଡ୍‌ପାର୍କ ପ୍ରତିଷ୍ଠା ହୋଇଥିଲେ ଅନ୍ତତଃପକ୍ଷେ ସ୍ଥାନୀୟ ଅଞ୍ଚଳର ଲୋକେ ନିଯୁକ୍ତି ସୁବିଧା ପାଇଥାନ୍ତେ। ମାତ୍ର ରାଜ୍ୟ ସରକାର ଏ ଦିଗରେ ମଧ୍ୟ କୌଣସି ପଦକ୍ଷେପ ନେଇନାହାନ୍ତି। ମହିଳା କାର୍ଡ ଓ ଭୋଟରଙ୍କୁ ଅର୍ଥବଳରେ ପ୍ରଲୋଭିତ କରିବାକୁ ଉଦ୍ୟମ ଆରମ୍ଭ କରିଥିବାରୁ ଏହାକୁ ନେଇ ଯୁବ ଓ ଶିକ୍ଷିତ ବର୍ଗଙ୍କ ମଧ୍ୟରେ ପ୍ରତିକ୍ରିୟା ପ୍ରକାଶ ପାଉଛି। ତେବେ ଏସବୁ ପ୍ରସଙ୍ଗକୁ ନେଇ ସ୍ୱାଭିମାନୀ ଧାମନଗର ଭୋଟର ବିଜେଡି ବିପକ୍ଷରେ ସେମାନଙ୍କ ଆଭିମୁଖ୍ୟ ଭୋଟ୍ ରାୟରେ କିଭଳି ପ୍ରକାଶ କରିବେ ତାହାକୁ ଅପେକ୍ଷା ରହିଛି। ଧାମନଗର ଭୋଟରଙ୍କ ପାଇଁ ସ୍ୱାଭିମାନୀ ନାୟକ ଭାବେ ଉଭା ହୋଇଥିବା ସ୍ୱାଧୀନ ପ୍ରାର୍ଥୀ ରାଜେନ୍ଦ୍ରଙ୍କ 'ନୌକା'କୁ ସଚେତନ ଭୋଟର ନିର୍ବାଚନୀ ବୈତରଣୀ ପାର୍ କରାଉଛନ୍ତି କି ନାହିଁ ତାହା ଉପରେ ସମସ୍ତଙ୍କ ନଜର ରହିଛି।

## ଗ୍ରେଡ୍ ପେ' ବୃଦ୍ଧି ଦାବି




ବୈଠକରେ ସଂଘର ସଦସ୍ୟାସଦସ୍ୟ।

**ଢେଙ୍କାନାଳ ଅଫିସ, ୨୫ା୧୦** ଢେଙ୍କାନାଳ ଜିଲାସ୍ତରୀୟ ଅମିନ ସଂଘର ଏକ ସାଧାରଣ ବୈଠକ ସହରସ୍ଥିତ ବଳରାମ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲାର ବିଭିନ୍ନ ତହସିଲ କାର୍ଯ୍ୟାଳୟରେ କାର୍ଯ୍ୟରତ ଅମିନମାନେ ଯୋଗଦେଇଥିଲେ। ଅମିନଙ୍କ ସ୍ୱତନ୍ତ୍ର କାର୍ଯ୍ୟ ତାଲିକା ସଂଶୋଧନ, ଗ୍ରେଡ୍ ପେକୁ ୧୮୦୦ରୁ ୨୮୦୦କୁ ବୃଦ୍ଧି, ତହସିଲ ଡାଟାବେସରେ ସ୍ୱତନ୍ତ୍ର ଆଇଡି ଜରିଆରେ କାର୍ଯ୍ୟ ସମ୍ପାଦନ ଆଦି ବିଭିନ୍ନ ଦାବି ଉପରେ ଆଲୋଚନା କରିଥିଲେ। ସଂଘ ସଭାପତି ରାକେଶ ପଣ୍ଡା, ସମ୍ପାଦକ ବାବୁଚାନ୍ଦ ରାମମିତ୍ର ପ୍ରଧାନ, ବୀରେନ୍ଦ୍ର ସାହୁ, ଦୁଷ୍ମନ୍ତ ଖିଲାର, ଦୀପ୍ତିରଞ୍ଜନ ସାହୁ, ଦାଶରଥି ସାହୁ, ରାକେଶ ସେଠୀ, ଦୁଲେଇ କିଷାନ, ତସନିମ ବେଗମ୍, ଅଶ୍ୱିନ ସାମଲ, ନିରାକାର ସିଂ, ଦୀନେଶ ସାହୁ, ହାଡ଼ିବନ୍ଧୁ ସାହୁ ପ୍ରମୁଖ ସଭାରେ ଉପସ୍ଥିତ ଥିଲେ।

# ଯବାନଙ୍କ ଘରେ ବୁଲାଇଲେ କଳାକନା

**କାମାକ୍ଷାନଗର, ୨୫ା୧୦(ଡି.ଏନ୍.ଏ.)** ଘରେ ନ ଥିବା ସୁଯୋଗରେ ଜଣେ ଯବାନଙ୍କ ଘରେ କଳାକନା ବୁଲାଇଛନ୍ତି ଦୁର୍ବୃତ୍ତ। ଢେଙ୍କାନାଳ ଜିଲା କାମାକ୍ଷାନଗର ଥାନା ଅନନ୍ତପୁର ଅଞ୍ଚଳରେ ସୋମବାର ବିଳମ୍ବିତ ରାତିରେ ଘଟିଛି ଏହି ଘଟଣା। ଲୁଟ୍‌ର ଶିକାର ହୋଇଛନ୍ତି ଯବାନ ସୁଶାନ୍ତ କୁମାର ସାହୁ। ଅଭିଯୋଗ ଅନୁଯାୟୀ, ସୁଶାନ୍ତ ପରିବାର ସଦସ୍ୟଙ୍କ ସହ ପୈତୃକ ଗାଁ କଙ୍କଡାହାଡ଼ ଥାନା ତରାଜଙ୍ଗ ଗାଁକୁ ଦୀପାବଳି ପାଳନ ପାଇଁ ଯାଇଥିଲେ। ଏହାର ସୁଯୋଗରେ ଦୁର୍ବୃତ୍ତମାନେ ସୁଶାନ୍ତଙ୍କ ସ୍ତ୍ରୀ ଅନିତା ସାହୁଙ୍କ ସୁନାଗହଣା,



ପୋଲିସ ତଦନ୍ତ କରୁଛି।

ଏଟିଏମ କାର୍ଡ ସମେତ କେତେକ ଜରୁରୀ କାଗଜପତ୍ର ନେଇଯାଇଛନ୍ତି। ଘର ଖୋଲା ହୋଇଥିବା ଦେଖି ପଡ଼ୋଶୀ ସୁଶାନ୍ତଙ୍କୁ ସୂଚନା ଦେଇଥିଲେ। କାମାକ୍ଷାନଗର ଥାନାରେ ଅଭିଯୋଗ ପରେ ପୋଲିସ ତଦନ୍ତ ଆରମ୍ଭ କରିଛି।

### ଦ୍ୱାରଶୁଣୀ ଘାଟିରୁ ଖସିଲା ଟ୍ରକ୍

**ବାଙ୍ଗିରିପୋଷି,୨୫ା୧୦(ଡି.ଏନ.ଏ.)** ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ଥାନା ଅଧୀନ ୪୯ନଂ. ଜାତୀୟ ରାଜପଥର ଦ୍ୱାରଶୁଣୀ ଘାଟିରେ ଏକ ଆଇରନ ଗୁଣ୍ଡ ବୋଝେଇ ଟ୍ରକ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ଫଳରେ ଟ୍ରକ୍ ଭିତରେ ଚାପି ହୋଇ ଚାଳକ ଓ ଖଲାସି ଗୁରୁତର ହୋଇଛନ୍ତି। ସେମାନଙ୍କୁ ଚିକିତ୍ସା ପାଇଁ ପ୍ରଥମେ ବାଙ୍ଗିରିପୋଷି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ବାରିପଦା ସ୍ଥିତ ପିଆର୍‌ଏମ୍ ମେଡିକାଲରେ ଭର୍ତ୍ତି କରାଯାଇଛି। ବାଙ୍ଗିରିପୋଷି ପୋଲିସ ତଦନ୍ତ ଜାରି ରଖିଛି।

### ୪ ଟ୍ରାକ୍ଟର ଜବତ, ୨ ଗିରଫ

**କୁଆମରା,୨୫ା୧୦(ଡି.ଏନ.ଏ.)** ମୟୂରଭଞ୍ଜ ଜିଲା ଗୋପବନ୍ଧୁ ନଗର ବ୍ଲକ ଦେଇ ପ୍ରବାହିତ ସୋନ ନଦୀରୁ ବେଆଇନ ବାଲି ଚାଲାଣ ବେଳେ ପୋଲିସ ୩ ଟ୍ରାକ୍ଟର ଜବତ କରିଛି। ବାଲି ଚାଲାଣ ସମୟରେ ବରଡିହି ପଞ୍ଚାୟତ ଦେବଗାଁର ଲୋକେ ଏକାଠି ହୋଇ ପ୍ରତିବାଦ କରିଥିଲେ। ପରେ ଟ୍ରାକ୍ଟରଗୁଡ଼ିକୁ ଅଟକାଇ ପୋଲିସ ଓ ରାଜସ୍ୱ ବିଭାଗକୁ ହସ୍ତାନ୍ତର କରିଥିଲେ। ଜବତ ଟ୍ରାକ୍ଟରଗୁଡ଼ିକୁ କୁଶଳଦା ଫାଣ୍ଡିରେ ରଖା ଯାଇଛି। ସେହିପରି ବଡ଼ସାହିସ୍ଥିତ ବୁଢ଼ାବଳଙ୍ଗ ନଦୀରୁ ବାଲି ବୋଝେଇ କରି ଡୁକୁରା ଅଞ୍ଚଳକୁ ଆସୁଥିବା ଏକ ନମ୍ବର ବିହୀନ ଟ୍ରାକ୍ଟରକୁ ଡୁକୁରା ଫାଣ୍ଡି ପୋଲିସ ଅଟକ ରଖିଛି। ଏହି ଘଟଣାରେ ବଡ଼ସାହି ଥାନା ଅଧୀନ ଜଟିଆ ସାହି ଗ୍ରାମର ଡ୍ରାଇଭର ବୈଷ୍ଣବ ଚରଣ ସିଂ ଓ ହେଲପର ବିଜୁ ସିଂଙ୍କୁ ଗିରଫ ପରେ ପୋଲିସ କୋର୍ଟ ଚାଲାଣ କରିଛି। ଏ ନେଇ ଖୁଣ୍ଟା ଥାନାରେ ଏକ ମାମଲା (ନଂ.୨୯୧/୨୨) ରୁଜୁ ହୋଇଛି।

### ଲୁଗା ଗୋଦାମରେ ଅଗ୍ନିକାଣ୍ଡ

**ବନ୍ତ,୨୫ା୧୦(ଡି.ଏନ୍.ଏ.)** ଭଦ୍ରକ ଜିଲା ବନ୍ତ ବଜାରର ଏକ ଲୁଗା ଗୋଦାମରେ ସୋମବାର ରାତିରେ ବିଦ୍ୟୁତ୍ ଶର୍ଟ ସର୍କିଟ୍‌ରୁ ଅଗ୍ନିକାଣ୍ଡ ଘଟିଛି। ଏଥିରେ ଗୋଦାମରେ ଥିବା ଆନୁମାନିକ ୮ଲକ୍ଷ ଟଙ୍କାର ଲୁଗା ଜଳିଯାଇଛି। ବନ୍ତ ସିନେମା ହଲ୍ ଛକସ୍ଥିତ ବିଶ୍ୱାଳ ମାର୍କେଟ୍ କମ୍ପ୍ଲେକ୍ସର ଉପର ମହଲାରେ କୃଷ୍ଣଚନ୍ଦ୍ର ପଣ୍ଡାଙ୍କର ଉକ୍ତ ଗୋଦାମ ରହିଛି। ରାତି ପ୍ରାୟ ୭ଟା ବେଳେ ଲୁଗା ଗୋଦାମରୁ ପୋଡ଼ା ଗନ୍ଧ ବାହାରିବାରୁ ସ୍ଥାନୀୟ ଲୋକେ ତାଙ୍କୁ ଜଣାଇବା ସହ ଆଗରପଡ଼ା ଦମକଳ କେନ୍ଦ୍ରକୁ ଖବର ଦେଇଥିଲେ। ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା।

## ଶିକ୍ଷକଙ୍କୁ ସେବା ସମ୍ମାନ



ହରିହର ସାହୁଙ୍କୁ ସମ୍ମାନିତ କରାଯାଉଛି।

**ଢେଙ୍କାନାଳ ଅଫିସ, ୨୫ା୧୦** ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ଷଡ଼ଙ୍ଗୀ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରକୃତିବନ୍ଧୁ ହରିହର ସାହୁଙ୍କୁ ଗତ ୨୧ ତାରିଖରେ ଭୁବନେଶ୍ୱର ଜୟଦେବ ଭବନଠାରେ ୱାର୍ଲ୍ଡ ଚାରିଟି ୱେଲଫେୟାର ଫାଉଣ୍ଡେଶନ ପକ୍ଷରୁ ଅନ୍ତର୍ଜାତୀୟ ସେବା ସମ୍ମାନରେ ସମ୍ମାନିତ କରାଯାଇଛି। ଚଳଚ୍ଚିତ୍ର ଅଭିନେତ୍ରୀ ମୁନ୍‌ମୁନ୍ ଖୁଣ୍ଟିଆ ମୁଖ୍ୟ ଅତିଥି ଭାବେ ଯୋଗଦେଇ ତାଙ୍କୁ ସମ୍ମାନିତ କରିଥିଲେ। ଶିକ୍ଷା, ପରିବେଶ ଓ ସମାଜସେବା କ୍ଷେତ୍ରରେ ହରିହରଙ୍କ ଉଲ୍ଲେଖନୀୟ ଅବଦାନ ରହିଛି। ତାଙ୍କୁ ପ୍ରକୃତିବନ୍ଧୁ, ପ୍ରକୃତିମିତ୍ର ସମ୍ମାନ ମିଳିଥିବାବେଳେ ସେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ ହୋଇଛନ୍ତି।

# ରେଳଫାଟକର ସ୍ଥିତି ସମୀକ୍ଷା କଲେ କେନ୍ଦ୍ରମନ୍ତ୍ରୀ

**ବେତନଟୀ, ୨୫ା୧୦(ସ୍ୱ. ପ୍ର.)** ବେତନଟୀ ବ୍ଲକ ଅଧୀନ କେସିପୁରଠାରେ ଥିବା ରେଳ ଫାଟକକୁ ରେଲୱେ ପକ୍ଷରୁ ବନ୍ଦ କରିଦିଆ ଯାଇଥିବାରୁ ସ୍ଥାନୀୟ ଅଞ୍ଚଳବାସୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେବେ ସମୂହ ସ୍ୱାର୍ଥକୁ ଦୃଷ୍ଟିରେ ରଖି ରବିବାର ଅପରାହ୍ନରେ କେନ୍ଦ୍ର ଆଦିବାସୀ ବ୍ୟାପାର ଓ ଜଳଶକ୍ତି ମନ୍ତ୍ରୀ ଇଂ. ବିଶ୍ୱେଶ୍ୱର ଟୁଡୁ କେସିପୁର ଗସ୍ତକରି ରେଳ ଫାଟକର ସ୍ଥିତି ସମୀକ୍ଷା କରିଛନ୍ତି। ପୁରୁଣା ୧୮ନଂ. ଜତୀୟ ରାଜପଥରେ ଥିବା ରେଳଫାଟକକୁ ବନ୍ଦ କରିଦିଆଯାଇଥିବାରୁ ବାରିପଦା ସଦର ଏବଂ ମୋରଡ଼ା ବ୍ଲକର ଜନସାଧାରଣ କିଭଳି ଅସୁବିଧାର ସମ୍ମୁଖୀନ ହେଉଛନ୍ତି ମନ୍ତ୍ରୀ ତାହା ଦେଖିଥିଲେ। ମନ୍ତ୍ରୀ ଟୁଡୁ ଅଞ୍ଚଳବାସୀଙ୍କ ଏହି ସମସ୍ୟାକୁ ହୃଦୟଙ୍ଗମ କରି ରେଳବିଭାଗ ସହିତ ଆଲୋଚନା କରିବା ସହିତ ଯଥାଶୀଘ୍ର ଏହି ଫାଟକକୁ କେମିତି ପୁନର୍ବାର ଖୋଲାଯାଇ ପାରିବ ସେ ନେଇ ତ୍ୱରିତ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ମନ୍ତ୍ରୀଙ୍କ ସହିତ ସ୍ଥାନୀୟ ଶତାଧିକ ବିଜେପି କର୍ମକର୍ତ୍ତା ଉପସ୍ଥିତ ଥିଲେ।



ରେଳ ଫାଟକ ସ୍ଥିତି ସମୀକ୍ଷା ବେଳେ ଉପସ୍ଥିତ କେନ୍ଦ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ ଓ ଅନ୍ୟମାନେ।

# ବାଣ ନିଆଁରେ ଜଳିଗଲା ୪ ବଖରା

**ରୂପସା, ୨୫ା୧୦(ଡି.ଏନ.ଏ.)** ଦୀପାବଳି ପର୍ବରେ ସବୁଠି ଖୁସିର ମାହୋଲ ଚାଲିଥିବା ବେଳେ ବାଲେଶ୍ୱର ଜିଲା ବସ୍ତା ଥାନା ଅଧୀନ ପଣ୍ଡରୁଙ୍ଗୀ ଓ ଦଉପୁର ଗ୍ରାମରେ ସୋମବାର ଦୁଃଖଦ ଘଟଣା ଘଟିଛି। ବାଣ ନିଆଁରେ ପଣ୍ଡରୁଙ୍ଗୀ ଗ୍ରାମର ବିନୋଦ ଜେନା ଓ କାହ୍ନୁଚରଣ ଜେନାଙ୍କ ୪ବଖରା ବାସଗୃହ ସମ୍ପୂର୍ଣ୍ଣ ଜଳିଯାଇଛି। ବସ୍ତା ଓ ରାସଗୋବିନ୍ଦପୁର ଦମକଳ ବାହିନୀ ପହଞ୍ଚିବା ବେଳକୁ ଘର ସହ ସମସ୍ତ ଆସବାବପତ୍ର, ଧାନଚାଉଳ, ବାସନକୁସନ, ଲୁଗାପଟା ପୋଡ଼ି ନଷ୍ଟ ହୋଇଯାଇଛି। ଏଥିସହ ନିଆଁରେ ପୋଡ଼ି ୩ଟି ଛେଳି, ୧୨ଟି କୁକୁଡ଼ା ଜୀବନ୍ତ ଦଗ୍ଧ ହୋଇଥିବା ବେଳେ ୨ଟି ଗୋରୁ ଆହତ ହୋଇଛନ୍ତି। ରାତିରେ ପିଲାମାନେ ବାଣ ଫୁଟାଉଥିବା ବେଳେ ଘର ଛପରରେ ନିଆଁ ଲାଗିଥିଲା। ସେହିପରି ଦଉପୁର ଗ୍ରାମର ରମାକାନ୍ତ ବେହେରାଙ୍କ ଘରେ ବାଣ ନିଆଁରୁ ଅଗ୍ନିକାଣ୍ଡ ଘଟିଥିଲା। ଦମକଳ ବାହିନୀ ପହଞ୍ଚିବା ପୂର୍ବରୁ ସଙ୍ଗେ ସଙ୍ଗେ ଗ୍ରାମବାସୀ ନିଆଁକୁ ଆୟତ୍ତ କରିବାରେ ସମର୍ଥହୋଇଥିଲେ। ଅଗ୍ନିକାଣ୍ଡରେ ବାସହରା ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ସରପଞ୍ଚଙ୍କ ଘରକୁ ପଥରମାଡ଼

## ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଧାରଣା

**ପଦ୍ମପୁର, ୨୫ା୧୦(ଡି.ଏନ.ଏ.)** ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅଧୀନ ସୟା ପଞ୍ଚାୟତର ସରପଞ୍ଚ ରୀତାଞ୍ଜଳି ପଣ୍ଡାଙ୍କ ଘର ଉପରକୁ ସୋମବାର ବିଳମ୍ବିତ ରାତିରେ ଟେକା ପଥର ମାଡ଼ କରାଯାଇଛି। ଏଥିସହ ତାଙ୍କ ଦିଅରଙ୍କୁ ସଂଘବଦ୍ଧ ଆକ୍ରମଣ କରାଯାଇଥିବା ତିହିଡ଼ି ଥାନାରେ ଅଭିଯୋଗ ହୋଇଛି।

ଅଭିଯୋଗ ଅନୁଯାୟୀ, ବିଳମ୍ବିତ ରାତିରେ ଆକ୍ରମଣକାରୀମାନେ ସରପଞ୍ଚଙ୍କ ଘର ଆଗରେ ଗାଳିଗୁଲଜ କରିବା ସହ ଟେକା, ପଥର ମାଡ଼ କରିଥିଲେ। ସରପଞ୍ଚଙ୍କ ଦିଅର ମହେନ୍ଦ୍ର ଶତପଥୀ ସେମାନଙ୍କୁ ବିରୋଧ କରିବାରୁ ତାଙ୍କୁ ଲୁହାରଡ୍ ଓ ବାଡ଼ିରେ ମରଣାନ୍ତକ ଆକ୍ରମଣ କରିଥିଲେ। ଏଥିସହ ତାଙ୍କ ଘର ପାଖରେ ଥିବା ବାଇକ୍‌କୁ ସେମାନେ ଭାଙ୍ଗି ଦେଇଥିଲେ। ଘରୁ ବାହାରକୁ ବାହାରିଲେ ଜୀବନରୁ ମାରିଦେବାକୁ ଧମକ ଦେବା ସହ ପେଟ୍ରୋଲ ଢାଳି ଘରେ ନିଆଁ ଲଗାଇଦେବେ ବୋଲି ଧମକ ଦେଇଥିଲେ। ରାତିରେ ପୋଲିସକୁ ଖବର ଦିଆଯାଇଥିଲେ ମଧ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ ଥିବା ଅଭିଯୋଗ ଆଣି ଭାଜପା କର୍ମୀମାନେ ସରପଞ୍ଚଙ୍କ ସହ ମିଶି ଅଭିଯୁକ୍ତମାନଙ୍କୁ ଗିରଫ ଦାବିରେ ମଙ୍ଗଳବାର ଥାନା ଆଗରେ ଧାରଣାରେ ବସି ରହିଥିଲେ। ଏନେଇ ସରପଞ୍ଚ ପଣ୍ଡା ୧୫ ଜଣଙ୍କ ନାଁରେ ଅଭିଯୋଗ କରିଛନ୍ତି। ପୋଲିସ ୨ ଜଣଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି। ଅପରପକ୍ଷେ ସୟା ପଞ୍ଚାୟତର କ୍ଷୀରୋଦ ବେହେରା ସରପଞ୍ଚଙ୍କ ସ୍ୱାମୀଙ୍କ ସମେତ ୮ଜଣଙ୍କ ନାଁରେ ପାଲଟା ଅଭିଯୋଗ କରିଛନ୍ତି। ଉଭୟ ପକ୍ଷର ଅଭିଯୋଗ ଆଧାରରେ ଘଟଣାର ତଦନ୍ତ ଜାରି ରହିଥିବା ଥାନାଧିକାରୀ ତପନ କୁମାର ପ୍ରଧାନ କହିଛନ୍ତି।

# ଦୀପାବଳି ପାଳିଲେ ଦିବ୍ୟାଙ୍ଗ ଛାତ୍ରୀଛାତ୍ର

**ଖଇରା, ୨୫ା୧୦(ଡି.ଏନ.ଏ.)** ବାଲେଶ୍ୱର ଜିଲା ଖଇରା ବ୍ଲକ ଗୋବିନ୍ଦପୁର ପଞ୍ଚାୟତ ଅଧୀନ କେଶବ ପୁରୁଷୋତ୍ତମ ମାନସିକ ଅନଗ୍ରସର ବିଦ୍ୟାଳୟରେ ଦୀପାବଳି ନିଆରା ଢଙ୍ଗରେ ପାଳିତ ହୋଇଯାଇଛି । ମାର୍କୋଣାସ୍ଥିତ ହ୍ୟୁମାନ କେୟାର ଫାଉଣ୍ଡେଶନ ଓ ଓଡିଶା ସାମ୍ବାଦିକ ୟୁନିଅନ ସଦସ୍ୟ ମିଳିତ ଭାବେ ଦିବ୍ୟାଙ୍ଗ ପିଲାଙ୍କ ସହ ସୋମବାର ସନ୍ଧ୍ୟାରେ ଦୀପ ଜାଳିଥିଲେ। ଉଭୟ ସଂଘର ସଦସ୍ୟମାନେ ଦିବ୍ୟାଙ୍ଗ ପିଲାଙ୍କୁ ମିଠା ଖୁଆଇବା ପରେ ସେମାନଙ୍କ ସଜ ଦୀପ, ମହମବତୀ ଓ ଝରାବତୀ ଜାଳିଥିଲେ। ଦିବ୍ୟାଙ୍ଗ ପିଲାମାନେ ଖୁସିରେ ତାଳିବା ମାରିବା ସହ ଆଲୋକର ପର୍ବ ଦୀପାବଳିକୁ ମନଭରି ଉପଭୋଗ କରିଥିଲେ। ଫାଉଣ୍ଡେଶନ କର୍ମକର୍ତ୍ତା ମଣିଭଦ୍ର ସାହୁ, ମାନସ ରଞ୍ଜନ ନାୟକ, ପରମେଶ୍ୱର ବନ୍ଧ, ତପନ ପଢିଆରୀ, ଅମରେନ୍ଦ୍ର ନାୟକ, ସୁବ୍ରତ ପାଣିଗ୍ରାହୀ, ରତ୍ନାକର ବେହେରା, ସୂର୍ଯ୍ୟନାରାୟଣ ମହାନ୍ତି, ଉମେଶ ରଞ୍ଜନ ନାୟକ, ସୁରେଶ ବେହେରା ଓ ଓଡିଶା ସାମ୍ବାଦିକ ୟୁନିଅନର କର୍ମକର୍ତ୍ତା ଅନାମ ଚରଣ ପଣ୍ଡା, ଉତ୍କଳବନ୍ଧୁ ପଣ୍ଡା, ତପୋଧନ ବାରିକ, କିଶୋର କୁମାର ବେହେରା, ସଞ୍ଜୟ କୁମାର ବେହେରା, ବିଦ୍ୟାଳୟ ପ୍ରତିଷ୍ଠାତା କେଶବ ଚନ୍ଦ୍ର ମହାପାତ୍ର, ପ୍ରଧାନଶିକ୍ଷୟିତ୍ରୀ ମମତା କର, ଶିକ୍ଷକ ଲକ୍ଷ୍ମୀକାନ୍ତ ଦାଶ, ଆଟେଣ୍ଡାଣ୍ଟ ପରେଶ କୁମାର ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ଫାଉଣ୍ଡେଶନ ତରଫରୁ ସମସ୍ତ ଖବରଦାତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।



ଫାଉଣ୍ଡେଶନ ଏବଂ ଓୟୁଜେର ସଦସ୍ୟଙ୍କ ଗହଣରେ ଦିବ୍ୟାଙ୍ଗ ଅନ୍ତେବାସୀ।

# ଗୋଠପୂଜା ପରେ ଅଣ୍ଡା ଉପରେ ଚାଲିଲେ ଗୋରୁ

## କୁଡୁମୀ ସମ୍ପ୍ରଦାୟର ନିଆରା ପରବ 'ବାନ୍ଦନା'

**କେନ୍ଦୁଝର/ପାଟଣା,୨୫ା୧୦(ସ୍ୱ.ପ୍ର.)** କାଳୀପୂଜା ବା ଦୀପାବଳିକୁ ଅନେକେ ବାଣ ଫୁଟାଇ, ବିଭିନ୍ନ ପ୍ରକାର ଆଲୋକରେ ସଜାଇ ପାଳନ କରିଥାନ୍ତି। କୁଡୁମୀ ତଥା ଅନ୍ୟ କେତେକ ଆଦିବାସୀ ସମ୍ପ୍ରଦାୟର ଲୋକମାନେ ଏହାକୁ ଧୁମ୍‌ଧାମ୍‌ରେ କୃଷିଭିତ୍ତିକ ବାନ୍ଦନା ପରବ ଭାବେ ପାଳନ କରିଛନ୍ତି। ଏହାକୁ ମଧ ଗୋବର୍ଦ୍ଧନ ବା ହାତୀ ଲେଖେନ ପରବ କୁହାଯାଏ। ୩ ଦିନ ଧରି ପାଳିତ ହେଉଥିବା ଏହି ପର୍ବ ଦୀପାବଳି ଅବସରରେ ଆରମ୍ଭ ହୋଇଛି। ପ୍ରଥମ ଦିନ ଗୋଠ ପୂଜା, ଦ୍ୱିତୀୟ ଦିନ ଗୁହାଳ ପୂଜା ଓ ତୃତୀୟ ଦିନକୁ ବୁଢ଼ୀ ବାନ୍ଦନା ଓ ଗୋରୁ ଖୁଣ୍ଟା ଭାବେ ପାଳନ କରାଯାଇଥାଏ। ମଙ୍ଗଳବାର ସୂର୍ଯ୍ୟୋପରାଗ ଥିବାରୁ ବୁଧବାର, ଗୁରୁବାର ଦ୍ୱିତୀୟ ଓ ତୃତୀୟ ଦିନ ପୂଜା ସମ୍ପନ୍ନ ହେବ ବୋଲି ସମ୍ପ୍ରଦାୟର ପୂଜାରୀ(ଦେହୁରୀ) ସୂଚନା ଦେଇଛନ୍ତି।

ପାଳସପଙ୍ଗା ପଞ୍ଚାୟତର ମୁରୁସୁଆଁ ଗ୍ରାମରେ ପ୍ରଥମ ଦିନର ପୂଜା ଅନୁଷ୍ଠିତ ହୋଇଯାଇଛି। ପୂର୍ବରୁ ସମସ୍ତେ ନିଜ



ପୂଜା ପରେ ଅଣ୍ଡା ଉପରେ ଗୋରୁ ଚାଲୁଛନ୍ତି।

ଘରକୁ ମାଟିରେ ଲିପାପୋଛା କରି ନୂତନ ରଙ୍ଗ କରିଥିଲେ। ବଳଦ ଓ ପଣ୍ଡାଙ୍କୁ ଖୁଣ୍ଟରେ ବାନ୍ଧି ନେତୃତ୍ୱ ନେବାର ତାଲିମ ଦିଆଯାଇଥିଲା। ଗ୍ରାମ ପଡ଼ିଆରେ ଗ୍ରାମର ଦେହୁରୀ ଅନନ୍ତ ମହାନ୍ତ ଅଣ୍ଡା ରଖି ପ୍ରଥମେ ପୂଜାର୍ଚ୍ଚନା କରିଥିଲେ। ଉକ୍ତ ଅଣ୍ଡା ଉପରେ ଗୋରୁମାନଙ୍କୁ ଏକତ୍ରିତ ଛଡ଼ାଯାଇଥିଲା। ଯେଉଁ ଗୋରୁ ଅଣ୍ଡା ମାଡ଼ିଥିଲା ତାକୁ ପୂଜାର୍ଚ୍ଚନା କରାଯିବା ସହ ଗୋରୁ ମାଲିକଙ୍କୁ ଫୁଲମାଳ ପିନ୍ଧାଇ କାନ୍ଧରେ ବସାଇ ଗ୍ରାମ ପରିକ୍ରମା କରାଯାଇଥିଲା। ସେହିପରି କୃଷି କାର୍ଯ୍ୟରେ ସହାୟକ ଯନ୍ତ୍ରପାତି ହଳ, ଲଙ୍ଗଳ, ଜୁଆଳି, ମଇ, ଟ୍ରାକ୍ଟର, ପାୱାର ଟିଲର ଆଦିକୁ ବନ୍ଦାପନା କରିଥିଲେ। ୯ ଗୋଟି ପ୍ରାକୃତିକ ଶକ୍ତି ଯଥା-ଗରାମ/ଜାହିର ମାଇଁ, ଧରମ ଦେଉତା, ବସମତା, ଗରୟା, ଗୋସାଇଁ ରାଇ, ବଳ ପାହାଳ, ବାନସିନୀ, କୁଦ୍ରା ଓ ବାଘୁତଙ୍କୁ ୯ ଗୋଟି କୁକୁଡ଼ା ସମର୍ପଣ କରି ଆରାଧନା କରିଥିଲେ। ମଙ୍ଗଳବାର ସୂର୍ଯ୍ୟୋପରାଗ ପଡୁଥିବାରୁ ବୁଧବାର ଘରଗୁଡିକରେ ଗୁହାଳ ପୂଜା, ବୁଢ଼ୀ ବାନ୍ଦନା ଓ ଗୋରୁ ଖୁଣ୍ଟା ପୂଜା ପରବର୍ତ୍ତୀ ଦିନରେ ହେବ ବୋଲି ଦେହୁରୀ ମହାନ୍ତ କହିଛନ୍ତି। ପର୍ବରେ ନିଜସ୍ୱ କୁଡୁମି ଦେହୁରୀ/ମହତୋ ଗୋପନରେ ପୂଜା କରିବାର ସାମାଜିକ ବ୍ୟବସ୍ଥା ରହିଛି। ଏଥିସହ ଘରେ ମୁଖିଆ ମଧ ପୂଜା କରିଥାନ୍ତି। ଘରେ ଘରେ ପିଠାପଣା, ଆମିଷ ଆଦି ସ୍ୱାଦିଷ୍ଟ ଖାଦ୍ୟ ପ୍ରସ୍ତୁତ କରିଥାନ୍ତି। ନୂଆ ଲୁଗା ପିନ୍ଧି, ପିଠାପଣା ଖାଇ, ନାଚ ଗୀତ କରି ଦିନଟିକୁ କଟାଇଥାନ୍ତି ବୋଲି ପାଳସପଙ୍ଗା ଗ୍ରାମର ପୂର୍ଣ୍ଣଚନ୍ଦ୍ର ମହାନ୍ତ କୁହନ୍ତି।

